ମନ୍ଦଗ୍ରହ

ଡକ୍ଟର ସଦାଶିବ ମିଶ୍ର

ଗ୍ରନ୍ଥ ମନ୍ଦିର

ମନ୍ଦଗ୍ରହ

ଡକ୍ଟର ସଦାଶିବ ମିଶ୍ର
ଏମ୍. ଏ. (ପାଟନା) ପିଏଇଚ୍.ଡି. (ଲଣ୍ଡନ)

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ରନ୍ଥମନ୍ଦିର, କଟକ-୨

ଗ୍ରନ୍ଥମନ୍ଦିର, ବ୍ରହ୍ମପୁର-୧

ମୁଦ୍ରକ :

ସତ୍ୟବ୍ରତ ପ୍ରେସ, କଟକ-୧

ପ୍ରଥମ ସଂସ୍କରଣ :

ଡିସେମ୍ବର, ୧୯୮୩

୧୧୦୦ ବହି

ମୂଲ୍ୟ : ଟ ୧୧.୦୦

ସାଦାବନ୍ଧେଇ ଟ ୯.୦୦

Digitized by srujanika@gmail.com

ଯେଉଁ ବନ୍ଧୁମାନେ
ଏହାର ପାଣ୍ଡୁଲିପି ପାଠକରି
ପ୍ରକାଶନ ପାଇଁ ପରାମର୍ଶ ଦେଇଥିଲେ,
ସେମାନଙ୍କଠାରେ ଏ ଲେଖକ କୃତଜ୍ଞ ।

Digitized by srujanika@gmail.com

Digitized by srujanika@gmail.com

ମନ୍ଦଗ୍ରହ

କଥାବସ୍ତୁ

ରୋସମ୍‌ଙ୍କ ସାର୍ବଜନୀନ ରୋବଟ୍‌ସ୍—ଆର୍. ୟୁ. ଆର୍.

(ROSSUM'S UNIVERSAL ROBOTS—R. U. R.)

ଲେଖକ : **କାରେଲ୍ ଚ୍ୟାପେକ୍**

KAREL CAPEK

ରଚନାକାଳ : ୧୯୨୦

ଭାଷା—ଚେକ୍ (CZECH)

ଇଂରେଜି ଭାଷାନ୍ତର : ୧୯୨୩

କାରେଲ୍ ଚ୍ୟାପେକ୍‌ଙ୍କର ଆର୍. ୟୁ. ଆର୍.

ନାଟକ ଅନୁସରଣରେ ରଚିତ ।

ଓଡ଼ିଆ : ସଂକ୍ଷେପ ପ୍ରକରଣ

ସ୍ଥାନ : ଦୁରାନ୍ତର ଏକ ଦ୍ୱୀପ

କାଳ : ୧୯୫୦—୬୦

Digitized by srujanika@gmail.com

ମନ୍ଦଗ୍ରହ

ଚରିତ୍ର

ମୁଖ୍ୟ ମ୍ୟାନେଜର—ଧନେଶ

ଚୀଫ୍ ଇଞ୍ଜିନିୟର—ବନ୍ଧାଣୀ

ଶରୀରତତ୍ତ୍ୱବିତ୍—ସାରଥି

ମନୋବିଜ୍ଞାନୀ—ମାନସ

ନିର୍ଦ୍ଦେଶକ—ସନ୍ଧାନୀ

କାରଖାନା ସଚିବ—ଶେଖର

ଅଧ୍ୟାପକଙ୍କ କନ୍ୟା—ହେଲେନା

ପରିଚାରିକା—ହେମା

ଟାଇପିଷ୍ଟ—ଶିଲ୍ପ

ପରିଚର—ଆନନ୍ଦ

ରୋବଟ୍—ଚଞ୍ଚଳ

ରୋବଟ୍—ଉତ୍ତମ

ରୋବଟୀ—ମାଧୁରୀ

ବହୁସଂଖ୍ୟକ ରୋବଟ୍

Digitized by srujanika@gmail.com

ପୂର୍ବାଭାସ

୧୯୮୧ ମସିହା ସେପ୍ଟେମ୍ବର ୧୬ ତାରିଖ ଷ୍ଟେଟସ୍‌ମାନ୍ କାଗଜରେ "ଅରୁଣୋଦୟ ରାଜ୍ୟରେ ରୋବଟ୍ ଆକ୍ରମଣ" ଶିରୋନାମାରେ ଏକ ସମ୍ବାଦ ପ୍ରକାଶ ପାଇଲା । ଜାପାନକୁ ସୂର୍ଯ୍ୟୋଦୟର ଭୂମି ବୋଲି କୁହାଯାଏ । ଆନ୍ତର୍ଜାତୀୟ ତାରିଖ ରେଖା, ୧୮୦ଡିଗ୍ରି ଦ୍ରାଘିମା ପ୍ରଶାନ୍ତ ମହାସାଗର ମଧ୍ୟରେ ଯାଇଛି । ତା'ର ପଶ୍ଚିମରେ ୨୨ତାରିଖ ହେଲେ ପୂର୍ବରେ ହେବ ୨୧ ତାରିଖ । ଜାପାନଠାରୁ ଆନ୍ତର୍ଜାତୀୟ ତାରିଖ ରେଖା ମଧ୍ୟରେ କୌଣସି ସ୍ଥଳଭାଗ ନାହିଁ । ତେଣୁ ପ୍ରତି ତାରିଖ ଦିନ ପ୍ରଥମ ସୂର୍ଯ୍ୟୋଦୟ ହୁଏ ଜାପାନରେ । ଏହି ରାଜ୍ୟରେ ରୋବଟ୍‌ଙ୍କର ଅଭିଯାନ ସମ୍ବାଦର ବିଷୟ ବସ୍ତୁ ।

ଦ୍ୱିତୀୟ ମହାଯୁଦ୍ଧରେ ପରମାଣୁ ବୋମାରେ ଧ୍ୱସ୍ତ ହୋଇ ମଧ୍ୟ, ବିଗତ ପଚଶ ବର୍ଷ ମଧ୍ୟରେ ଜାପାନର ଆର୍ଥନୀତିକ ବିକାଶ ବିପୁଳ ମାତ୍ରାରେ ବଢ଼ି ଲାଗିଛି । ପାଞ୍ଚବର୍ଷରେ ଜାତୀୟ ଉତ୍ପାଦନ ଦୁଇଗୁଣ ହୋଇପାରିଛି । ପୃଥିବୀର ଆର୍ଥନୀତିକ ଇତିହାସରେ ଏହାର ପଟାନ୍ତର ନାହିଁ । ପ୍ରୟୋଗ ବିଜ୍ଞାନର ପ୍ରସାର ଦ୍ରୁତ ଗତିରେ ମାଡ଼ିଚାଲିଛି ।

ଜାପାନରେ ଜନ୍ମର ହାର ବହୁ ମାତ୍ରାରେ କମିଯାଇଛି । କଳକାରଖାନା ପାଇଁ ଶ୍ରମିକ ଆବଶ୍ୟକ । ସୃଷ୍ଟି କରାଗଲା ଯନ୍ତ୍ରମାନବ, କୃତ୍ରିମ ମଣିଷ । ନାମ ଦିଆଗଲା ରୋବଟ୍ । ଯେଉଁ କାମ ମଣିଷ-ଶ୍ରମିକ କରୁଥିଲେ, ସେଇ କାମକୁ ଅଧିକ ଦକ୍ଷତା ସହକାରେ, ଅଳ୍ପ ବ୍ୟୟରେ କରିପାରିଲେ ରୋବଟ୍ ଶ୍ରମିକ । ୧୯୮୧ ମସିହାରେ ଜାପାନର ବିଭିନ୍ନ କାରଖାନାରେ କାମ କରୁଥିଲେ ଷାଠିଏ ହଜାର ରୋବଟ୍ । ଆନ୍ତର୍ଜାତୀୟ ଶ୍ରମସଂସ୍ଥା ନିକଟରେ ପ୍ରକାଶିତ ତାଙ୍କ ରିପୋର୍ଟରେ ଲେଖିଛନ୍ତି, ଏଇ ରୋବଟ୍ ମାନଙ୍କ ଲାଗି ଜାପାନର ଉତ୍ପାଦିକା ଶକ୍ତି ବହୁମାତ୍ରାରେ ବଢ଼ିଯାଇଛି ।

Digitized by srujanika@gmail.com

ମାତ୍ର ଜାପାନରେ ବେକାର ନାହାନ୍ତି । ଶ୍ରମିକ ଅଶାନ୍ତି ନାହିଁ । ଶ୍ରମିକ ସଂଘ ସହିତ ପରାମର୍ଶ କରି ଏ ପଦକ୍ଷେପ ଗ୍ରହଣ କରାଯାଇଛି । ଜାପାନରେ ଶ୍ରମିକମାନଙ୍କ ଲାଗି ସ୍ଥାୟୀ ଚାକିରି ବ୍ୟବସ୍ଥା କରାଯାଏ । ତେଣୁ ଏମାନଙ୍କ ପାଇଁ ଅନ୍ୟାନ୍ୟ ନିଯୁକ୍ତି ସ୍ଥିର କରାଯାଇଛି । ଉତ୍ପାଦନ ବଢ଼ି ଚାଲିଛି । ସମୃଦ୍ଧି ପ୍ରସାରିତ ହୋଇଚାଲିଛି ।

ଦୁଇ ମାସ ପରେ ନଭେମ୍ବର ୨୪ ତାରିଖ ଷ୍ଟେଟ୍ସମ୍ୟାନରେ ଲଣ୍ଡନ୍ ଟାଇମ୍ସ୍ କାଗଜରେ ପ୍ରକାଶିତ ଏକ ସମ୍ବାଦ ପ୍ରକାଶ ପାଇଲା । ପଶ୍ଚିମ ଇଯୁରୋପରେ ଏବଂ ଆମେରିକାରେ ବାରମ୍ବାର ଶ୍ରମିକ ଅଶାନ୍ତି, ବିଶୃଙ୍ଖଳା ଏବଂ ଧର୍ମଘଟ ଲାଗିଛି । ଉତ୍ପାଦନ ପ୍ରତିହତ ହେଉଛି । ପରିବ୍ୟୟ ବୃଦ୍ଧି ପାଉଛି । ରପ୍ତାନି ସଂକୁଚିତ ହୋଇପଡୁଛି । ଏ ସବୁ ଦେଶର ବଡ଼ ବଡ଼ ଶିଳ୍ପପତିମାନେ ଜାପାନରେ ମସୁଧା କରୁଛନ୍ତି ରୋବଟ୍ କିଣିବା ପାଇଁ । ୟୁମାଜାକି କମ୍ପାନି ଜାପାନରେ ଏକ ବଡ଼ ଉଦ୍ୟୋଗ କ୍ଷେତ୍ର । ଏଥିରେ ଯାନ୍ତ୍ରିକ ସରଞ୍ଜାମ ପ୍ରସ୍ତୁତ ହୁଏ । ଏହି କାରଖାନାରେ ନିର୍ମିତ ହେଉଛି ରୋବଟ୍ । ୟୁମାଜାକି ଏହାର ପରିଚାଳନା ଡ଼ାଇରେକ୍ଟର । ତାଙ୍କ ସାଙ୍ଗରେ ପରାମର୍ଶ କରିବା ପାଇଁ ବହୁ କାରଖାନା ମାଲିକ ଯାଇ ପହଞ୍ଚୁଛନ୍ତି—କାରଖାନାରେ ରୋବଟ୍ ନିର୍ମାଣ ଦେଖି ସ୍ତମ୍ଭୀଭୂତ ହୋଇଯାଉଛନ୍ତି ।

ୟୁମାଜାକି କହିଲେ, ଯେତେବେଳେ ପେଟ୍ରୋଲର ମୂଲ୍ୟ ଅତି ମାତ୍ରାରେ ବଢିଚାଲିଲା, ଆମ ଦେଶରେ ହେଲା ଉତ୍କଟ ମୂଲ୍ୟସ୍ଫୀତି । ଆମର ଆର୍ଥିକ ବ୍ୟବସ୍ଥା ଭାଙ୍ଗି ଯିବାକୁ ବସିଲା । କଳକାରଖାନା ଚାଲୁରଖିବା କଷ୍ଟସାଧ୍ୟ ହୋଇପଡ଼ିଲା । ଆମେ ଲାଗିପଡ଼ିଲୁ ବିକଳ୍ପ ପନ୍ଥା ବାହାର କରିବା ପାଇଁ । ସେହି ଗବେଷଣାରୁ ପ୍ରସୂତ ଏଇ ଯାନ୍ତ୍ରିକ ମାନବ ରୋବଟ୍ । ଏଇ ରୋବଟ୍-ମାନେ ଅବିରତ କାମ କରିପାରନ୍ତି । ତାଙ୍କ ସାଙ୍ଗରେ କମ୍ପ୍ୟୁଟର୍ ଖଞ୍ଜାଯାଇଛି —କେଉଁଠାରେ ଅଟକିଗଲେ ଆପେ ଆପେ ସଜାଡ଼ିହୋଇଯିବ ।

ଜାପାନରୁ ଏହି ରୋବଟ୍ କିଣିବା ପାଇଁ ପଶ୍ଚିମ ଇଯୁରୋପ ଏବଂ ଆମେରିକା ଆକାଂକ୍ଷିତ । ଏତେ ସଂଖ୍ୟାରେ ରୋବଟ୍ ପାଇଁ ବରାଦ ଆସୁଛି ଯେ ଗୋଟିଏ କାରଖାନାରୁ ସେ ସମସ୍ତ ପୂରଣ କରିବା ସମ୍ଭବ ହୋଇ ପାରୁନାହିଁ । ଜାପାନରେ ଅଧିକ ରୋବଟ୍ ତିଆରି କାରଖାନା ବସିଯିବ ।

Digitized by srujanika@gmail.com

ରୋବଟ୍ ଜାପାନର ଏକ ମୁଖ୍ୟ ରପ୍ତାନି ସାମଗ୍ରୀ ହୋଇଯିବ । ଜାପାନ ଅରୁଣୋଦୟ ନାମକୁ ଯଥାର୍ଥରେ ପ୍ରକଟିତ କରିବ ।

ବିଭିନ୍ନ ପତ୍ରପତ୍ରିକାରେ ଏଇ ରୋବଟ୍ ବିଷୟରେ ନାନା ତଥ୍ୟ ପ୍ରକାଶ ପାଉଛି । ରୋବଟ ଦିନକୁ ୨୪ ଘଣ୍ଟା ଏବଂ ବର୍ଷରେ ୩୬୫ ଦିନ କାମ କରି ପାରନ୍ତି । ସେମାନେ ମଜୁରି ମାଗନ୍ତି ନାହିଁ, କାମରେ ସ୍ୱାଚ୍ଛନ୍ଦ୍ୟ ଲୋଡନ୍ତି ନାହିଁ, ଧର୍ମଘଟ କରନ୍ତିନାହିଁ ।

ଜାପାନର ଓ୍ୱାସେଡା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହାସେଗାଓ୍ୱା ରୋବଟ୍ ବିଷୟରେ ଜଣେ ବିଶେଷଜ୍ଞ । ସେ କହନ୍ତି, ରୋବଟ୍ ବିଷୟରେ ଯେପରି ଅନୁଧ୍ୟାନ ଚାଲିଛି, କିଛି ବର୍ଷ ଭିତରେ ସେମାନେ ଦେଖିପାରିବେ, ଶୁଣିପାରିବେ, ବୁଝି ମଧ୍ୟ ପାରିବେ । ସେମାନେ ସକଳ ପ୍ରକାର କାମ କରିବାକୁ ସମର୍ଥ ହେବେ । ରୋଗୀର ସେବା କରିପାରିବେ । ନାବିକ ହୋଇ ଜାହାଜ ଚଳାଇ ପାରିବେ । ସେତେବେଳେ ମଣିଷ ଏବଂ ରୋବଟ୍ ମଧ୍ୟରେ ତାରତମ୍ୟ କ୍ଷୀଣ ହୋଇଯିବ । ପ୍ରାୟ ଦଶବର୍ଷ ଭିତରେ ଏଭଳି ରୋବଟ୍ ତିଆରି ହୋଇପାରିବେ ।

୧୯୨୦ ମସିହାରେ କାରେଲ୍ ଚାପେକ୍ (KAREL CAPEK) ଗୋଟିଏ ନାଟକ ଲେଖିଥିଲେ । ଚାପେକ୍ ଚେକୋସ୍ଲୋଭାକିଆର ଜଣେ ପ୍ରତିଷ୍ଠିତ ସାହିତ୍ୟିକ । ସେ ଚେକ୍ ଭାଷାରେ ବହିଟି ଲେଖିଥିଲେ । ୧୯୨୩ ମସିହାରେ ତାହାର ଇଂରେଜି ଅନୁବାଦ ବ୍ରିଟିଶ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ନାଟକର ନାମ ROSSUM'S UNIVERSAL ROBOTS —ଆର୍, ୟୁ, ଆର୍ (R.U.R) ଚେକ୍‌ଭାଷାରେ ନାମ ଥିଲା—'ରୋବୋଟା' (ROBOTA) । ଇଂରେଜିରେ ହେଲା ରୋବଟ୍ (ROBCT) ।

୧୯୨୯-୩୦ ମସିହାରେ ରେଭେନ୍‌ସା କଲେଜରେ ବି. ଏ. ପଢ଼ିଲା ବେଳେ କଲେଜ ଲାଇବ୍ରେରୀରୁ ଆଣି ଏହି R. U. R. ବହିଟି ପଢ଼ିଥିଲି । ଅପୂର୍ବ ଲେଖା । ଅଦ୍ଭୁତ କଳ୍ପନା । ସେତେବେଳେ ରେଭେନ୍‌ସା କଲେଜକୁ ବହୁ ପୁସ୍ତକ ଅଣାଯାଉଥିଲା । ପୃଥିବୀର ବିଭିନ୍ନ ଭାଷାରେ ପ୍ରତିଷ୍ଠିତ ସାହିତ୍ୟିକ

Digitized by srujanika@gmail.com

ମାନଙ୍କର ସାହିତ୍ୟର ଇଂରେଜି ଅନୁବାଦ ପ୍ରାପ୍ତ ସମସ୍ତ ବହି ଆସୁଥିଲା। ପଢ଼ିବାର ପ୍ରଭୂତ ସୁଯୋଗ ମିଳୁଥିଲା । ଇଂରେଜି ମାଧ୍ୟମ ଥିଲା ସେଥିପାଇଁ ଏକାନ୍ତ ସହାୟକ । ଏ ପ୍ରବାହ ବହୁ ବର୍ଷ ଚାଲିଲା । ପରିସ୍ଥିତି ବଦଳିଯାଇଛି । ଏ ପ୍ରବାହ କ୍ଷୀଣ ହୋଇଯାଇଛି ।

କାରେଲ୍ ଚାପେକ୍‌ଙ୍କର ଏହି ନାଟକଟି ପୃଥିବୀରେ ପ୍ରଖ୍ୟାତ ହୋଇଗଲା । 'ରୋବଟ୍' ଶବ୍ଦଟି ଇଂରେଜି ଭାଷାର ଅନ୍ତର୍ଭୁକ୍ତ ହୋଇଗଲା । ଦ୍ୱିତୀୟ ମହାଯୁଦ୍ଧ ସମୟରେ ସ୍ୱୟଂଚାଳିତ ଚାଳକବିହୀନ ବିମାନ ଜର୍ମାନୀରୁ ଯାଇ ଲଣ୍ଡନସହର ଉପରେ ବୋମା ବର୍ଷଣ କଲା । ସମ୍ବାଦପତ୍ରରେ ବାହାରିଲା—ରୋବଟ୍ ବିମାନରୁ ବୋମା ବର୍ଷଣ । ଚାପେକ୍‌ଙ୍କର ନାଟକର କଥାବସ୍ତୁ ହେଲା ବିଜ୍ଞାନର କଳ୍ପିତ ପରିଣତି । ଏହି ନାଟକରେ ଥିଲା ଉପଭୋଗ୍ୟ ସାହିତ୍ୟ ଏବଂ ମନୋରମ ନାଟକ-ଶୈଳୀ—ଆଉ ଥିଲା ଅସାଧାରଣ ଦୂରଦୃଷ୍ଟି ।

ଆଧୁନିକ ଯୁଗର ଆରମ୍ଭ ପ୍ରଥମ ମହାସମର ସମୟରେ । ଊନବିଂଶ ଶତାବ୍ଦୀର ଚିନ୍ତାଧାରା ସେ ପର୍ଯ୍ୟନ୍ତ ଚାଲୁରହିଥିଲା । ସେଇ ସମୟରୁ ଆରମ୍ଭ ହେଲା ନୂତନ ଭାବଧାରା, ବିଜ୍ଞାନ ଏବଂ ବିକାଶର ଦ୍ରୁତ ପ୍ରବାହ । ସେଇଠାରୁ ଆରମ୍ଭହେଲା ବାସ୍ତବ ବିଂଶଶତାବ୍ଦୀ । ପ୍ରଥମ ମହାଯୁଦ୍ଧ ଶେଷହେଲା ୧୯୧୮ ମସିହାରେ । ତାହାର ମାତ୍ର ଦୁଇବର୍ଷ ପରେ, ବାସ୍ତବ ବିଂଶଶତାବ୍ଦୀର ଆରମ୍ଭରେ, କାରେଲ୍ ଚାପେକ୍‌ଙ୍କର ନାଟକଟି ପ୍ରକାଶ ପାଇଥିଲା । ବାଷଠି ବର୍ଷ ତଳର କଥା । ସେତେବେଳେ ପରମାଣୁ ଶକ୍ତି, କମ୍ପ୍ୟୁଟର ବିଜ୍ଞାନ, ମହାକାଶ ଯାତ୍ରା—ଏ ସବୁର ସୂଚନା ମଧ୍ୟ ନ ଥିଲା । ତଥାପି କାରେଲ୍ ଚାପେକ୍‌ଙ୍କର କଳ୍ପନା ବହୁଦୂର ପ୍ରସାରିତ ହୋଇପାରିଥିଲା ।

ସମ୍ବାଦପତ୍ରରେ ଜାପାନରେ ରୋବଟ୍ ଅଭିଯାନ ସମ୍ବାଦ ପ୍ରକାଶିତ ହେଲା ପରେ ମନହେଲା ଆଉ ଥରେ ଚାପେକ୍‌ଙ୍କର R. U. R. ବହି ଖଣ୍ଡି ପଢିବା ପାଇଁ । ରେଭେନ୍‌ସା କଲେଜ ଲାଇବ୍ରେରୀକୁ ଗଲି । ସେ ପୁରୁଣା ବହି ଖଣ୍ଡିକ ମିଳିଗଲା । ଆଣି ପଢ଼ିଲି । ବି. ଏ. ପଢ଼ିଲାବେଳେ ଯେପରି ଲାଗିଥିଲା, ତା'ଠାରୁ ବହୁତ ବେଶି ଭଲଲାଗିଲା । ପୁନର୍ବାର ପଢ଼ିଲି । ଚମତ୍କାର ଲେଖା ! ଚାପେକ୍‌ଙ୍କର କଳ୍ପନା କଳନାତୀତ । ତାଙ୍କର ଦୂରଦୃଷ୍ଟି

Digitized by srujanika@gmail.com

ଅପରିସୀମ । କେବଳ ବିଷୟରେ ଯାହା ସବୁ ପତ୍ରପତ୍ରିକାରେ ପ୍ରକାଶ ପାଇଛି, ଷାଠିଏ ବର୍ଷ ପୂର୍ବ ରଚିତ ଏ ନାଟକରେ ଏ ସମସ୍ତ ସନ୍ନିବେଶ କରାଯାଇଛି । ସେତିକି ନୁହେଁ, ଆହୁରି ଅଧିକ—ଅଛି ଭବିଷ୍ୟ ପରିଣତିର ସଂକେତ ।

ମନହେଲା, ଏ ନାଟକଟିର ଗୋଟିଏ ସଂକ୍ଷିପ୍ତ ଭାଷାନ୍ତର କରିବି । ଅନୁବାଦ ନୁହେଁ—ସଂକ୍ଷେପ ପ୍ରକରଣ, ଉପନ୍ୟାସ ଆକାରରେ । କଥାବସ୍ତୁ ଚପେକ୍‌ଙ୍କର । ତାଙ୍କର ନାଟକ ଶୈଳୀ ଅନୁସରଣରେ ଲେଖିବାର ଚେଷ୍ଟା କରିଛି । ଓଡ଼ିଆ ଭାଷାରେ ମେଳକ ହେବା ପାଇଁ ପାତ୍ର-ପାତ୍ରୀଙ୍କ ନାମ ପରିବର୍ତ୍ତନ କରିଦେଇଛି । ନାଟକଟି ପଢ଼ି ମୁଗ୍ଧ ହୋଇଗଲି । ଲେଖିବାପାଇଁ ପ୍ରବଳ ଆଗ୍ରହ ହେଲା । ଅନୁବାଦ ମୂଳ ଲେଖା ସଙ୍ଗେ ସରିହୋଇପାରେ ନାହିଁ । ଇଂରେଜି ଅନୁବାଦରୁ ଓଡ଼ିଆରେ ସଂକ୍ଷେପ ପ୍ରକରଣ କରିବାର ପ୍ରୟାସ ଦୁରୂହ । ତଥାପି ଲେଖି ବସିଲି—ସୁଖ ଲାଗିଲା—ଲେଖିବାରେ ଆନନ୍ଦ ପାଇଲି । ଲେଖିପକାଇଲି ।

ଜାନୁଆରୀ, ୧୯୮୩ ଲେଖକ

Digitized by srujanika@gmail.com

Digitized by srujanika@gmail.com

ପ୍ରଥମ ଅଙ୍କ

[ସ୍ଥାନ : ଦୂରାନ୍ତର ଏକ ଦ୍ୱୀପ ।]

ରେବର୍ଟ୍ କାରଖାନାର ମୁଖ୍ୟ ଦପ୍ତର । ଝରକା ବାଟେ ଦେଖାଯାଉଛି ବସ୍ତୀର୍ଣ୍ଣ ରେବର୍ଟ୍ କାରଖାନା ।

ଦୂରରେ ସମୁଦ୍ର ।

କକ୍ଷଟି ଆଧୁନିକ ପରିପାଟୀରେ ସୁସଜ୍ଜିତ । ଚଟାଣରେ ଦାମିକା ଗାଲିଚ୍ଚ । କାନ୍ଥରେ ରେବର୍ଟ୍ର ବିଭିନ୍ନ ବିଜ୍ଞାପନ । କାନ୍ଥ ଘଣ୍ଟାରେ ବାରଟା ବାଜିବାକୁ କିଛି ସମୟ ବାକି ଅଛି ।

କାରଖାନାର ମୁଖ୍ୟ ମ୍ୟାନେଜର ଘନେଶ ଦେଇ ଗୁଳିଛନ୍ତି ଶ୍ରୃଙ୍ଖଳଖନ ।

ଡ଼ାହାଣରେ ଆସୀନା ତରୁଣୀ ଟାଇପିଷ୍ଟ । ନାମ ଶିଲ୍ ।

ଫାଇଲରୁ ଖଣ୍ଡିଏ ଖଣ୍ଡିଏ ଚିଠି କାଢ଼ୁଛନ୍ତି ଘନେଶ ।

—ମହିନା; ହାଜେ୍ର । ତାରିଖ । ନମ୍ବର । ଜାହାଜରେ ଆମର ଜିନିଷ ଘର୍ଙ୍ଗି ରୁଜଗଲେ ଆମ କମ୍ପାନୀ ଦାୟୀ ହେବ ନାହିଁ । କ୍ଷମା କରିବେ । ସେଥି-ପାଇଁ ବୀମା କମ୍ପାନୀ ସହିତ ପରାମର୍ଶ କରନ୍ତୁ ।

—ହେଲା ?

Digitized by srujanika@gmail.com

ତା'ପରେ ଚଠି । ହଡ଼ସନ୍ । କଯୁପୂର୍କ । ଆପଣଙ୍କ ଅର୍ଡର ପାଇଛୁ—ଧନ୍ୟବାଦ । ପାଞ୍ଚ ହଜାର ବ୍ରୋଚ୍ ଛଅ ମାସ ମଧ୍ୟରେ ପ୍ରସ୍ତୁତ ହୋଇଯିବ । ଆମର ଚଠି ପାଇ ଶତକଡ଼ା ୨୫ ଭାଗ ମୂଲ୍ୟ ବ୍ୟାଙ୍କରେ ଅଗ୍ରୀମ ଜମା ଦେବାକୁ ଅନୁରୋଧ ।

—ସରଳ ?

ଟେଲିଫୋନ୍ ବାଜିଲା ।

—କେନ୍ଦ୍ର ଅଫିସରୁ କହୁଛି । ମ୍ୟାନେଜର । ହଁ······ହଁ···ନିଶ୍ଚୟ । କେବଲ୍ ପଠାଇଦିଅ ଆମଷ୍ଟାରଡ଼ାମ୍ ।

—ସରଳ, ଶିଳ୍ପ ?

—ବେଶ୍ । ଫ୍ରି ଏଡରିଚ୍ ; ହାମବର୍ଗ । ପନ୍ଦର ହଜାର ବ୍ରୋଚ୍ ଲାଗି ଅର୍ଡ଼ର ପାଇଛୁ । ଧନ୍ୟବାଦ । ଜାହାଜରେ ନେବାର ବନ୍ଦୋବସ୍ତ ଆପଣ···

କବାଟ ଖୋଲିଲା । ପରିଚର ଆନନ୍ଦର ପ୍ରବେଶ ।

—ଜଣେ ମହିଳା ଆସିଛନ୍ତି । ଦେଖାକରିବେ ।

—କିଏ ସେ ମହିଳା ? —ପଚାରିଲେ ଘନେଶ ।

ଆନନ୍ଦ ପରିଚୟ କାର୍ଡ ଖଣ୍ଡିକ ବଢ଼ାଇଦେଲା ।

—ଅକ୍‌ସ-ବ୍ରିଜ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରଶ୍ମିଙ୍କ କନ୍ୟା ? ଭିତରକୁ ଡ଼ାକିଆଣ ।

ଘନେଶ ଉତ୍ସୁକ ନେତ୍ରରେ କବାଟ ଆଡ଼କୁ ଚାହିଁଲେ ।

ଅଧ୍ୟାପକଙ୍କ କନ୍ୟା ପ୍ରବେଶକଲେ ।

ଘନେଶ ଠିଆ ହୋଇ ପଡ଼ିଲେ ।

—ନମସ୍କାର ! ବସନ୍ତୁ ।

—ଆପଣଙ୍କ ନାମ ମିଷ୍ଟର ଘନେଶ ? —ପଚାରିଲେ ଆଗନ୍ତୁକା ।

Digitized by srujanika@gmail.com

ହଁ; ମୁଁ ଘନେଶ । ଏ କାରଖାନାର ମ୍ୟାନେଜର । ଆପଣଙ୍କ ସେବା ପାଇଁ ମୁଁ ପ୍ରସ୍ତୁତ । କହନ୍ତୁ—ମୁଁ ଆପଣଙ୍କ ଲାଗି କ'ଣ କରିପାରିବି ?

—ମୋର ନାମ ହେଲେନା । ଉତ୍ତର ଦେଲେ ନବାଗତା ।

—ପ୍ରଖ୍ୟାତ ଅଧ୍ୟାପକ ରଶ୍ମିଙ୍କ କନ୍ୟାଙ୍କର ପରିଚୟ ଲୋଡ଼ା ନାହିଁ । କାରଖାନା ନିଶ୍ଚୟ ଦେଖିବେ । ମୁଁ ସବୁ ବନ୍ଦୋବସ୍ତ କରିଦେବି ।

ଘନେଶଙ୍କ ଇଙ୍ଗିତରେ ଶିକଳ ବାହାରିଗଲା ।

—ମୁଁ କାରଖାନାରେ ପ୍ରବେଶ କରି ପାରିବି ? —ପଚାରିଲେ ହେଲେନା ।

—ନିଶ୍ଚୟ ପାରିବେ । ସେଠାରେ ଅବଶ୍ୟ ବାହାର ଲୋକଙ୍କ ପ୍ରବେଶ ନିଷେଧ । ମାତ୍ର ଆପଣଙ୍କ ପାଇଁ ସେ ନିୟମ ଲାଗୁ ହେବ ନାହିଁ । ମୋର ଗୋଟିଏ ଅନୁରୋଧ—ଆପଣ ସବୁ କଥା ଗୁପ୍ତ ରଖିବେ । କାରଖାନାରେ ଆମେ କୃତ୍ରିମ ଯାନ୍ତ୍ରିକ ମଣିଷ ତିଆରି କରୁଛୁ—ରୋବଟ୍ । ଅତି ଗୋପନୀୟ ବ୍ୟବସ୍ଥା ।

—ଧନ୍ୟବାଦ । ମୁଁ ମୋର କୃତଜ୍ଞତା ଜ୍ଞାପନ କରୁଛି ।

—କୁମାରୀ ରଶ୍ମି ! ମୁହଁରୁ ଅବଗୁଣ୍ଠନ ଉଠାଇ ଦେବା ପାଇଁ ଆପଣଙ୍କର କୌଣସି ଆପତ୍ତି ଅଛି କି ?

ଉତ୍‌କଣ୍ଠିତ ହୋଇ ପଚାରିଲେ ଘନେଶ ।

—ମୋତେ ଦେଖିବା ପାଇଁ ଆପଣଙ୍କର ଇଚ୍ଛା ? ମୁଁ ଗୁପ୍ତଚର ହୋଇ-ଥିବି ବୋଲି ଆପଣଙ୍କର ସନ୍ଦେହ ହେଉଛି କି ?

ହେଲେନା ଅବଗୁଣ୍ଠନ ଟେକିଦେଲେ ।

ଘନେଶ ମୁଗ୍ଧ ହୋଇ ଗଲେ ।

—କୁମାରୀ ହେଲେନା, ତୁମର ବୟସ ବୋଧହୁଏ ଏକୋଇଶ ବାଇଶ । ଏତେ ଅଳ୍ପ ବୟସରେ ତୁମେ ଯେ ଏ ଭଳି ଏକାକୀ ବିଚରଣ କରିପାରୁଛ, ଏ

Digitized by srujanika@gmail.com

ସାହସର ପରିଚୟ । ମୋତେ ଖୁବ୍ ଆନନ୍ଦ ଲାଗୁଛି । ତୁମେ ଏଠାରେ କିଛି ଦିନ ରହିଯାଅ । ତୁମକୁ ଏଠାରେ କାରଖାନାର ସବୁ ବିଭାଗ ମୁଁ ଦେଖାଇଦେବି । ସବୁ ତୁମେ ଜାଣିପାରିବ ।

କିଛି କ୍ଷଣ ହେଲେନାଙ୍କର ମୁଁହକୁ ଚାହିଁରହିଲେ ।

ତା'ପରେ କହିଚାଲିଲେ ଘନେଶ···

—ମୁଁ ଏ କାରଖାନାର ଇତିହାସ ଟିକିଏ କହେ । ବୈଜ୍ଞାନିକ ରୋସମ୍‌ଙ୍କ ନାମ ନିଶ୍ଚୟ ଶୁଣିଥିବ । ସେ ଏ ଦ୍ୱୀପକୁ ଆସିଥିଲେ ୧୯୨୨ ମସିହାରେ ସମୁଦ୍ର ଜୀବଙ୍କ ବିଷୟରେ ଗବେଷଣା କରିବା ପାଇଁ । ପ୍ରତ୍ୟେକ ଜୀବ କେତେଗୁଡ଼ିଏ ଜୀବ କୋଷର ସମାବେଶ । ବିଭିନ୍ନ ଜୀବକୋଷର ବିଭିନ୍ନ ସମାହାରରେ ପ୍ରକୃତି ସୃଷ୍ଟି କରିଛି ବିଭିନ୍ନ ଜୀବଜନ୍ତୁ । ଏ ସମାହାର ପରିବର୍ତ୍ତନ କରିଦେଲେ ପ୍ରକୃତି ସୃଷ୍ଟି କରି ନ ଥିବା ପ୍ରାଣୀ ମଧ୍ୟ ସୃଷ୍ଟି କରାଯାଇପାରିବ ।

—ଆଶ୍ଚର୍ଯ୍ୟ ଏ ଉଦ୍ଭାବନ—ନୁହେଁ ?

—ଆଶ୍ଚର୍ଯ୍ୟ ନିଶ୍ଚୟ । ଆପଣ କହନ୍ତୁ । ମୁଁ ମନ ଦେଇ ଶୁଣୁଛି । —କହିଲେ ହେଲେନା ।

ଘନେଶ କହି ଲାଗିଲେ···

— ସେତିକ ନୁହେଁ···ଦଶ ବର୍ଷର ଗବେଷଣାରେ ରୋସମ୍ କୃତ୍ରିମ ଜୀବକୋଷ ମଧ୍ୟ ଉଦ୍ଭାବନ କରିପାରିଲେ । ଘୋଷଣା କଲେ, ଏଥର ମୁଁ ପୌରାଣିକ ମେଡୁସା ପରି କୁତ୍ସିତ ଏବଂ ବୁଦ୍ଧିହୀନର ମୁଣ୍ଡ ଭିତରେ ସୃଷ୍ଟି କରିପାରିବି ସକ୍ରେଟିସ୍‌ଙ୍କ ମସ୍ତିଷ୍କ ।

—ଚମତ୍କାର !

ଆବେଗଭରା ସ୍ୱରରେ କହିପକାଇଲେ ହେଲେନା ।

ଘନେଶଙ୍କର ବର୍ଣ୍ଣନା ଶେଷ ହୋଇନାହିଁ ।

Digitized by srujanika@gmail.com

—ତା'ପରେ ଆସିଲେ ତାଙ୍କ ଭାଇଙ୍କର ପୁତ୍ର ଯୁବକ ରୋସମ୍ । ସେ ଜଣେ ବିଚକ୍ଷଣ ଇଞ୍ଜିନିୟର । ସେ କହିଲେ, ଆମର ମଣିଷ ପର ମଣିଷ ଲୋଡ଼ା ନାହିଁ—ସେମାନେ କଣ କରିବେ ? ବୃଦ୍ଧ ରୋସମ୍‌ଙ୍କୁ ବାଧ୍ୟତା ମୂଳକ ଅବସର ଦେଲେ । ଆମର ଆବଶ୍ୟକ ଯାନ୍ତ୍ରିକ ମଣିଷ—ମୋଟର ପରି । ସେ ହେବ ମଣିଷଠାରୁ ଅଧିକ କାର୍ଯ୍ୟକ୍ଷମ ।

ଶୁଣନ୍ତୁ ହେଲେନା···ସେ ଯାନ୍ତ୍ରିକ ମଣିଷର ପ୍ରାଣରେ ଦୁଃଖ, ଶୋକ, ସୁଖ, ସମ୍ଭୋଗ ଖୋଜିବା ଅବାନ୍ତର । ତା'ର ଆତ୍ମା ରହିବ ନାହିଁ । ହୃଦୟ ରହିବ ନାହିଁ । ସେ ଖାଇବ ନାହିଁ, ଶୋଇବ ନାହିଁ । ତା' ମୁହଁରେ ହସ ନଥିବ । ଆଖିରେ ଲୁହ ନଥିବ ।

ଡମେନେଶ କହିଚାଲିଛନ୍ତି :

—କାରଖାନା ପ୍ରସ୍ତୁତ ହେଲା । ତିଆରି ହେଲେ ରୋବଟ୍—ଯନ୍ତ୍ରମାନବ କୃତ୍ରିମ ମଣିଷ ।

ହେଲେନା କହିଲେ :

—ହଁ, ଆମ ସହରରେ ମୁଁ କେତେଗୁଡ଼ିଏ ରୋବଟ୍ ଦେଖିଛି । ସେମାନେ ରାସ୍ତା ଝାଡ଼ୁ କରନ୍ତି । ଗୋଦାମ ସଫା କରନ୍ତି । ନର୍ଦ୍ଦମା ପରିଷ୍କାର କରନ୍ତି । ସେମାନେ ସମସ୍ତେ ବଡ଼ ନୀରବ ।

କଥାରେ ବାଧା ଦେଇ ଡମେନେଶ କହିଲେ :

—ଆମ କାରଖାନାରେ ବିଭିନ୍ନ ଶ୍ରେଣୀର ରୋବଟ୍ ତିଆରି ହୁଅନ୍ତି । ଗ୍ରାହକଙ୍କ ବରାଦ ଅନୁଯାୟୀ ଏ ସବୁ ପ୍ରସ୍ତୁତ ହୁଅନ୍ତି । ତାଙ୍କ ଭିତରେ ପ୍ରକାର ଭେଦ ଅଛି ।

ହେଲେନାଙ୍କ ମୁହଁକୁ ନିରୀକ୍ଷଣ କରି କହିଲେ ଡମେନେଶ !

—ତମେ ମୋ ଟାଇପିଷ୍ଟକୁ ତ ଦେଖିଲ !

—ବିଶେଷ ଲକ୍ଷ୍ୟ କରି ନାହିଁ । —କହିଲେ ହେଲେନା ।

Digitized by srujanika@gmail.com

ଘନେଶ ଘଣ୍ଟି ଟିପିଲେ ।

ଶିଳ୍ପ ପ୍ରବେଶକଲା ।

—ଏହାଙ୍କ ସାଙ୍ଗରେ ଯାଇ ମୁଁ କେତୋଟି ରୋବଟ୍ ଦେଖିପାରିବି କି ?

ପଚାରିଲେ ହେଲେନା ।

—ମୁଁ ନିଜେ ଗୋଟିଏ ରୋବର୍ଟ । ଆପଣ ଆଉ ଦେଖିବେ କଣ ?

ଘନେଶଙ୍କ ଉତ୍ତରକୁ ଅପେକ୍ଷା ନକରି କହିଗଲା ଶିଳ୍ପ ।

ତା'ପରେ ପ୍ରବେଶ କଲା ଆନନ୍ଦ ।

—ମୁଁ ଗୋଟିଏ ରୋବଟ୍ ।

ଘନେଶ କହିଲେ—ହେଲେନା, ତମେ ରୋବଟ୍ ଭିତରର ଯନ୍ତ୍ରପାତି ଦେଖିବ ? ଯେବେ ଦେଖିବାର ଇଚ୍ଛା ଏ ଦୁଇଜଣଙ୍କ ଭିତରୁ ଜଣଙ୍କୁ କାରଖାନାରେ କାଟି ତାହାର ଭିତର ଦେଖାଇଦେବି ।

ହେଲେନା ହତବାକ୍ ।

—କାଟିଦେବେ ? ଆଶ୍ଚର୍ଯ୍ୟ ! ତେବେ ଆଉ ହେବ କଣ ?

ଆନନ୍ଦ କହିଲା ମୁଁ ଅଚଳ ହୋଇଯିବି । ମୋର ମୃତ୍ୟୁ ହୋଇଯିବ ।

—ତୁମକୁ ଭୟ ଲାଗୁନାହିଁ ? ପ୍ରାଣରେ ଆତଙ୍କ ଆସୁନାହିଁ ?

ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ହେଲେନା ।

—ଏ ସବୁ କି ପ୍ରଶ୍ନ କରୁଛନ୍ତି ? ମୁଁ ବୁଝିପାରୁନାହିଁ ।

ଆନନ୍ଦ ଉତ୍ତର ଦେଲା ।

ଘନେଶଙ୍କ ନିର୍ଦ୍ଦେଶରେ ଦୁଇ ରୋବଟ୍ ବାହାରକୁ ଚାଲିଗଲେ ।

ହେଲେନା କହିଲେ—ଶିଳ୍ପ ଏବଂ ଆନନ୍ଦ ଦୁଇଜଣଯାକ ସୁଶ୍ରୀ, ସୁନ୍ଦର । ଏକା ସ୍ଥାନରେ କାମ କରୁଛନ୍ତି । ଜଣକର ମୃତ୍ୟୁ ପ୍ରସ୍ତାବରେ ଅନ୍ୟଟିର

Digitized by srujanika@gmail.com

ମୁହଁରେ ଟିକିଏ ବିଷାଦର ରେଖା ମଧ୍ୟ ପଡ଼ିଲା ନାହିଁ ? ଏ ଦୁହିଁଙ୍କ ମଧ୍ୟରେ ଟିକିଏ ହେଲେ କଣ ସଦ୍‌ଭାବ ନାହିଁ ?

ଧନେଶ କହିଲେ—ସତ ନାହିଁ କି ଅସତ୍ ନାହିଁ । ରୋବଟ୍‌ମାନେ ମଣିଷରୂପୀ ଯନ୍ତ୍ର । ତାଙ୍କର ଆକର୍ଷଣ ନାହିଁ । ତାଙ୍କ ଭିତରେ ଯୌନଭୃଷ୍ଣା ଯାଇନାହିଁ ।

—ତେବେ ସ୍ତ୍ରୀ ପୁରୁଷ ରୂପରେ ରୋବଟ୍ ତିଆରି ହେଉଛନ୍ତି କାହିଁକି ?

ପଚାରିଲେ ହେଲେନା ।

—ବ୍ୟବସାୟ ପାଇଁ । ଅଫିସରେ, ହୋଟେଲରେ, ଅତିଥିଭବନରେ, ସୌଖୀନ ଦୋକାନରେ ତରୁଣୀ ଆବଶ୍ୟକ । ଏ ପ୍ରଥା ସର୍ବତ୍ର ଅନୁସୃତ ହେଉଛି । ସ୍ତ୍ରୀ ପୁରୁଷ ଖାଲି ଆକାରଭେଦ । ସମସ୍ତଙ୍କର ସମାନ ଦକ୍ଷତା ।

ଆସ ଦେଖିବ ।

କାନ୍ଧରେ ହାତ ପକାଇ ହେଲେନାଙ୍କୁ ନେଇଗଲେ ଧନେଶ ଗବାକ୍ଷ ନିକଟକୁ ।

—ଏଇ ଦେଖ । ଦୂରରେ । ଧାଡ଼ି ଧାଡ଼ି ହୋଇ ଲୋକ ଇଟା ପ୍ରସ୍ତୁତ କରୁଛନ୍ତି । ସମସ୍ତେ ରୋବଟ୍ ।

—ଏ ପଟେ ଦେଖ । ଘର ତିଆରି ଚାଲିଛି । ରାସ୍ତା ଉପରେ ବିଜୁଳି ତାର ଖଞ୍ଜା ଲାଗିଛି । ସବୁ କରୁଛନ୍ତି ରୋବଟ୍ ।

—କାରଖାନା ଭିତରେ ରୋବଟ୍ ତିଆରି କରୁଛନ୍ତି ରୋବଟ୍ । ସବୁ ଶ୍ରମିକ ଆମର ରୋବଟ୍ ।

—ତେବେ ମଣିଷ ଆଉ କରିବେ କଅଣ ? ସେମାନେ ସମସ୍ତେ ବେକାର ହୋଇଯିବେ । ସମଗ୍ର ମାନବ ଜାତି ଅକର୍ମା ହୋଇ ପଡ଼ିବ । ଅଶାନ୍ତି ବ୍ୟାପିଯିବ । ସବୁଆଡ଼େ ବିଦ୍ରୋହର ନିଆଁ ଲାଗିଯିବ ।

Digitized by srujanika@gmail.com

ଉତ୍ତେଜିତ ହୋଇପଡ଼ିଲେ ହେଲେନା ।

—ଏ ସବୁ ତୁମେ କଣ କହୁଛ ହେଲେନା ?

ଘନେଶ ପୁଚ୍ଛିଲେ ଜିଜ୍ଞାସୁ ନେତ୍ରରେ ।

— ମଣିଷ କାମ କରେ କାହିଁକି ? ଉପାର୍ଜନ କରିବ । ଖାଇବ, ପିଇବ, ଉପଭୋଗ କରିବ । ସମ୍ଭୋଗରେ ଜୀବନ ଯାପନ କରିବ । ଏ ସମସ୍ତ ଯେବେ ଅନାୟାସରେ, ବିନା ପରିଶ୍ରମରେ ହୋଇପାରେ ତେବେ ସେ ବିଦ୍ରୋହ କରିବ କାହିଁକି ?

ମଣିଷଙ୍କଠାରୁ ଅଧିକ ଦକ୍ଷ, ଅଧିକ ନିପୁଣ ଏଇ ଯାନ୍ତ୍ରିକ ମଣିଷ— ରୋବଟ୍ । ତାର କ୍ଳାନ୍ତି ନାହିଁ, ଆଳସ୍ୟ ନାହିଁ, ବିଶ୍ରାମ ନାହିଁ । କୌଣସି ପ୍ରକାର ଉପଭୋଗ ନାହିଁ । ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ପଦ୍ଧତିରେ, ସମସ୍ତ ଉପଭୋଗ୍ୟ ସାମଗ୍ରୀ ପ୍ରଚୁର ପରିମାଣରେ ସମଗ୍ର ମାନବ ଜାତି ପାଇଁ ଉତ୍ପାଦନ କରିପାରିବ । ଏଥିରେ ଅଶାନ୍ତିର ଅବକାଶ କାହିଁ ?

ଅନର୍ଗଳ କହିଗଲେ ଘନେଶ ।

—ତାହା ହିଁ ତ ସମସ୍ୟା !

କହିଲେ ହେଲେନା ।

—ଯେଉଁ ରୋବଟ୍‌ମାନେ ମଣିଷ ଜାତିର ସକଳ ପ୍ରକାର ସୁଖ ସମ୍ଭୋଗ ପାଇଁ ଉପଯୋଗ ସୃଷ୍ଟି କରୁଛନ୍ତି, ତାଙ୍କୁ ଆମେ ଦାସାନୁଦାସ କରି ରଖିବା କାହିଁକି ? ସମଗ୍ର ୟୁରୋପରେ ଏଥି ପାଇଁ ତୁମୁଳ ଆନ୍ଦୋଳନ ପ୍ରସାରିତ ହୋଇଛି ।

ଏ ପର୍ଯ୍ୟନ୍ତ ମୁଁ ତୁମକୁ କହିନାହିଁ । ୟୁରୋପରେ ଗଢ଼ାଯାଇଛି ଏକ ମାନବିକତା ସଂସ୍ଥା—ସେଥିରେ କୋଡ଼ିଏହଜାର ସଭ୍ୟ ହେଲେଣି । ଏ ସଂସ୍ଥାର ସେକ୍ରେଟାରୀ ଭାବରେ ମୁଁ ଏଠାକୁ ଆସିଛି । ମୋର ରିପୋର୍ଟ ପ୍ରସ୍ତୁତ କରୁଛି । ଆଜି ଯାହା ଦେଖିଲି—ଏ ରୋବଟ୍‌ମାନେ ଅଛନ୍ତି ଅତି ହୀନ ଭାବରେ, ନିର୍ଯ୍ୟାତିତ ଅବସ୍ଥାରେ । ଏ ଦାସତ୍ୱର ମୋଚନ ଏକାନ୍ତ ଆବଶ୍ୟକ ।

Digitized by srujanika@gmail.com

ଦୀନେଶ ନିର୍ବାକ୍ ହୋଇ ଶୁଣୁଥାନ୍ତି ।

—ହେଲେନା, ତୁମେ ଅଳ୍ପବୟସୀ । ହଠାତ୍ ବିହ୍ୱଳ ହୋଇପଡ଼ୁଛ । ତୁମେ ଏଠାରେ ନିଶ୍ଚୟ କିଛି ଦିନ ରହିବ । ମୁଁ ତୁମକୁ ସବୁଆଡ଼ ବୁଲାଇ ଦେଖାଇବି । ରୋବଟ୍ କାରଖାନାର ସବୁ ବିଭାଗ ଦେଖିବ । ଯାନ୍ତ୍ରିକ ମଣିଷ କିଅଣ, କିପରି ତିଆରି ହୁଅନ୍ତି, କିପରି କାମ କରନ୍ତି, ସବୁ ଦେଖିପାରିବ ।

ଦୀନେଶ ବର୍ଣ୍ଣନା କରିଲାଗିଲେ ।

—ପ୍ରଥମେ ଦେଖିବ ଚୂର୍ଣ୍ଣଶାଳା । ସେଠାରେ ବିଭିନ୍ନ କୃତ୍ରିମ ଜୈବିକ ଉପାଦାନ ଚୂର୍ଣ୍ଣ କରାଯାଏ । ଅନ୍ୟ ଏକ ସ୍ଥାନରେ ସେ ସବୁ ମଣ୍ଡରେ ପରିଣତ କରାଯାଏ । ଆଉ ଏକ ସ୍ୱତନ୍ତ୍ର ଶାଳାରେ ପ୍ରସ୍ତୁତ ହୁଏ ହାଡ଼—ଶରୀରର ବିଭିନ୍ନ ଅଙ୍ଗ ପାଇଁ । ଆଉ ଏକ ସଦନରେ ପ୍ରସ୍ତୁତ ହୁଏ ସୂକ୍ଷ୍ମ ଜୈବିକ ସୂତ୍ର । ସେଥିରୁ ତିଆରି ହୁଏ ଶିରା ପ୍ରଶିରା, ସ୍ନାୟୁ । ଗୁମ୍ଫରେ ତିଆରି ହୁଅନ୍ତି କୃତ୍ରିମ ମଣିଷ—ରୋବଟ୍ । ତା' ମଧ୍ୟରେ ଖଞ୍ଜାଯାଏ ଦେଖିବା, ଶୁଣିବା, କହିବା ଏବଂ ମନେ ରଖିବାର ଯନ୍ତ୍ରପାତି । ଦେଖିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ । ତୁମେ ଅଭିଭୂତ ହୋଇପଡ଼ିବ ।

ହେଲେନା ବାସ୍ତବିକ ଅଭିଭୂତ ହୋଇ ଶୁଣୁଥିଲେ ।

—ଏ ହେଲା ପ୍ରଥମ ପର୍ଯ୍ୟାୟ । ତା'ପରେ ସେମାନଙ୍କୁ ଶିକ୍ଷା ଦିଆଯିବ । ତାଲିମ୍ କରାଯିବ—ଯେପରି ସ୍କୁଲ କଲେଜରେ କରାଯାଏ । ଏ ସମସ୍ତ ପ୍ରକରଣ ସମାହିତ ହେବାପାଇଁ ଲାଗେ ମାତ୍ର ଛଅମାସ । ଶୁଣୁଛ ହେଲେନା—ମାତ୍ର ଛଅମାସ ! ଗୋଟିଏ ମଣିଷ ସନ୍ତାନକୁ ବାଲ୍ୟକାଳ କୈଶୋର ଅତିବାହିତ କରି କାର୍ଯ୍ୟକ୍ଷମ ହେବାକୁ ଲାଗେ ପ୍ରାୟ କୋଡ଼ିଏ ବର୍ଷ । ଏ ଦୀର୍ଘ ସମୟର କି ଅବାଞ୍ଛିତ ଅପଚୟ !

ହେଲେନା ଉତ୍‌କଣ୍ଠି ହୋଇ ଶୁଣୁଥାନ୍ତି ।

ତା'ପରେ ପୁଣି ଲାଳନ ପାଳନ, ଖାଦ୍ୟ, ପରିଧେୟ, ଶିକ୍ଷା, ପ୍ରଶିକ୍ଷଣ—ଏଥିରେ କି ଅହେତୁକ ଅପବ୍ୟୟ ! ରୋବଟ୍‌ର ଉଦ୍ଭାବନରେ ଏହି ସକଳ ଅପକର୍ମର ଅବସାନ ଆସନ୍ନ ହୋଇ ଆସୁଛି ।

Digitized by srujanika@gmail.com

—ଜାଣ ହେଲେନା, ଆମ କାରଖାନାରୁ ପ୍ରତ୍ୟହ ପନ୍ଦର ହଜାର ରୋବଟ୍ ପ୍ରସୂତ ହେଉଛନ୍ତି ।

—ଏ ପରିକଳ୍ପନା ବାସ୍ତବିକ ଅତି ଚମତ୍କାର !

ହେଲେନା ମନ୍ତବ୍ୟ ଦେଲେ ।

—ମାତ୍ର ମୋ ପ୍ରଶ୍ନର ଉତ୍ତର ମୁଁ ପାଇନାହିଁ ।

କବାଟରେ ମୃଦୁ ଆଘାତ ହେଲା । ଏକ ସଙ୍ଗେ ପାଞ୍ଚଜଣ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶକଲେ ।

ପରିଚୟ କରାଇ ଡମେନ କହିଲେ—ଏ ହେଉଛନ୍ତି ଅଧ୍ୟାପକ ରଶିଙ୍କର କନ୍ୟା—କୁମାରୀ ହେଲେନା ।

ପାଞ୍ଚଜଣଯାକ ଏକାଦିକ୍ରମେ କହିଲାଗିଲେ !

—ଗୁଡ୍ ମର୍ଣ୍ଣିଂ ।

—ନମସ୍କାର ।

—କପରି ଅଛନ୍ତି ?

—ସବୁ ମଙ୍ଗଳ ତ ?

—କେବେ ଘର ଛାଡ଼ିଥିଲେ ?

—କେତେବେଳେ ପହଞ୍ଚିଲେ ?

—ସମୁଦ୍ର କୂଳରେ ଲାଗିଛି ଜାହାଜ···ଆପଣଙ୍କର ?

—କାରଖାନା ଦେଖିଲେଣି ?

—କପରି ଲାଗିଲା ?

—ନିଶ୍ଚୟ କିଛିଦିନ ଏଠାରେ ଅବସ୍ଥାନ କରିବେ !

—ଆମର ବଡ଼ ଆନନ୍ଦ !

—ଆପଣଙ୍କୁ ପାଇବା ଆମର ବଡ଼ ସୌଭାଗ୍ୟ !

Digitized by srujanika@gmail.com

—ଆମମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କଲେ ଆମେ ଆନନ୍ଦିତ ହେବୁ ।

ଧନେଶଙ୍କ ଇଙ୍ଗିତରେ ସମସ୍ତେ ଉପବେଶନ କଲେ ।

—ଏଥର କୁମାରୀ ହେଲେନା ପ୍ରଶ୍ନ କରିବେ ।

—କି ପ୍ରଶ୍ନ ମୁଁ ପଚାରିବି ?

ଜିଜ୍ଞାସୁ ନେତ୍ରରେ ଚାହିଁଲେ ହେଲେନା ।

—ଯାହା ଜାଣିବାର ଇଚ୍ଛା ପଚାର । ଏମାନେ ସରଳ ଭାବରେ ସବୁ କଥାର ଉତ୍ତର ଦେବେ ।

—ଆଚ୍ଛା, ଏପରି ଭାବରେ ଏହିଭଳି ପରିସ୍ଥିତିରେ, ଏମାନଙ୍କର ଏହିପରି ବ୍ୟବହାର ସହି ତୁମେମାନେ ରହିପାରିଛ କିପରି ?

ହେଲେନା ପଚାରିଲେ ।

—କେଉଁ ପରିସ୍ଥିତି ? କାହାର ବ୍ୟବହାର ?

ସମସ୍ତେ ଏକ ସଙ୍ଗେ ପ୍ରଶ୍ନବାଚକ ଉତ୍ତର ଦେଲେ ।

—ଏଇ କାରଖାନାର ବନ୍ଧନ, ସବୁ ପ୍ରକାର ଶୃଙ୍ଖଳ ମଧ୍ୟରେ ତୁମେ ଜୀବନ ଯାପନ କରୁଛ କିପରି ?

—କାହାର ବନ୍ଧନ ? ଶୃଙ୍ଖଳାବଦ୍ଧ କରିଛି କିଏ ? ଆପଣ ଯେପରି ଅଛନ୍ତି, ଇଉରୋପରେ ନାଗରିକମାନେ ଯେପରି ଅଛନ୍ତି, ଆମେ ସେହିପରି ରହିଛୁ—ସୁସ୍ଥ, ସତେଜ, ସ୍ୱାଧୀନ ।

ଧନେଶ କହିଲେ—ଏମାନେ ରୋବଟ୍ ନୁହନ୍ତି—ଆମରି ପରି ମଣିଷ—ମୋର ସହକର୍ମୀ ।

—ଇଏ ହେଉଛନ୍ତି ଡକ୍ଟର୍ ମାନସ୍, ଚିଫ୍ ମନୋବିଜ୍ଞାନୀ ।

—ଇଏ ଡକ୍ଟର୍ ସାରସ···ଶରୀର ପ୍ରକ୍ରିୟା ବିଭାଗର ମୁଖ୍ୟ ।

—ଡକ୍ଟର୍ ବିଜ୍ଞାଣୀ···ଚିଫ୍ ଇଞ୍ଜିନିୟର ।

Digitized by srujanika@gmail.com

— ଡକ୍ଟର ହନ୍ନାମ୍‌···ନିର୍ଦ୍ଦେଶକ ।

—ଆଉ ଇଏ ମିଷ୍ଟର୍ ଶେଖର କାରଖାନାର ସଚିବ ।

ହେଲେନା ସମସ୍ତଙ୍କ ମୁହଁକୁ ଗୁହିଁଲେ । ଗ୍ରହଆଡ଼େ ଆଖି ପକାଇଲେ ।

—କ୍ଷମା କରିବେ ! ମୋର ସବୁ ଗୋଳମାଳ ହୋଇଯାଉଛି । ଆପଣ କହୁଥିଲେ କାରଖାନାରେ ସମସ୍ତେ ରୋବଟ୍ ।

ନମ୍ର ଭାବରେ କହିଲେ ଘନେଶ ;

—ମୁଁ କହୁଥିଲି ସବୁ ଶ୍ରମିକ ହେଉଛନ୍ତି ରୋବଟ୍ । ମୋର ସହକର୍ମୀ-ମାନେ ଆମରି ପରି ମଣିଷ ।

—ମୁଁ ଏଠାରେ ରହିଲେ ପାଗଳ ହୋଇଯିବି ।

ଉଠିପଡ଼ିଲେ ହେଲେନା ।

—ମୋତେ ଏଠାରୁ ଶୀଘ୍ର ବିଦାୟ କରିଦିଅ ।

—ଆମେ କୌଣସି ଅପରାଧ କରିନାହୁଁ । ବାହାରିଗଲେ ଆମ ପ୍ରତି ଅନ୍ୟାୟ ହେବ । ଆମେ ସବୁ କଥା ଦେଖାଇବୁ । ଏଠାରେ ରହିବା ଏକାନ୍ତ ଆବଶ୍ୟକ ।

ଅନୁନୟ କରି କହିଲେ ଘନେଶ ।

ହେଲେନା କହିଲେ—ରୋବଟ୍‌ମାନଙ୍କର ମଙ୍ଗଳ ବିଧାନ କରିବା ଲାଗି ମୁଁ ଏଠାକୁ ଆସିଛି । ମାନବିକତା ସଙ୍ଘର ଏହା ହିଁ ଉଦ୍ଦେଶ୍ୟ ।

ଏଥର ଚିଫ୍ ଇଞ୍ଜିନିଅର୍ ଉତ୍ତର ଦେଲେ :

—ଆମେ ତିଆରି କରୁଛୁ ଛଅମାସ ମଧ୍ୟରେ ସୁସ୍ଥ, ସବଳ, ସୁଦକ୍ଷ ରୋବଟ୍ । ସେମାନଙ୍କର ପରମାୟୁ କୋଡ଼ିଏ ବର୍ଷ । କୋଡ଼ିଏବର୍ଷ ପରେ ସେମାନେ ଅକାମୀ ହୋଇଯିବେ । ତାଙ୍କର ମୃତ୍ୟୁ ହୋଇଯିବ । ତାଙ୍କ ସ୍ଥାନ ପୂରଣ କରିବେ ନୂଆ ରୋବଟ୍ । ଆଉ ଆପଣ ତାଙ୍କର ମଙ୍ଗଳ ବିଧାନ କରିବେ କ'ଣ ?

Digitized by srujanika@gmail.com

ସଜାଡ଼ି ହୋଇ ବସିଲେ ହେଲେନା ।

—ସେମାନଙ୍କୁ ମାନବିକତା ଅଧିକାର ଦେବାକୁ ହେବ । ସେମାନେ ନାଗରିକତାର ଅଧିକାରୀ ହେବେ ।

—ସେମାନେ କ'ଣ ଶ୍ରେଷ୍ଠ ହେବେ ? —ପଚାରିଲେ ବନ୍ଧାଣୀ ।

—ନିଶ୍ଚୟ ହେବେ···ନ ହେବେ କାହିଁକି ? ଉତ୍ତର ଦେଲେ ହେଲେନା ।

—ସର୍ବନାଶ ! ସେମାନେ କଣ ମନୁଷ୍ୟ ପାଇବେ ?

—ନିଶ୍ଚୟ ପାଇବେ ।

—ମନୁଷ୍ୟ ନେଇ ସେମାନେ କରିବେ କଅଣ ?

—ତାଙ୍କର ଯାହା ଇଚ୍ଛା କଣିପାରିବେ, ତାଙ୍କର ଉପଭୋଗ ପାଇଁ ।

—ଇଚ୍ଛା ବୋଲି ତାଙ୍କର କିଛି ନାହିଁ । ଉପଭୋଗ କ'ଣ ସେମାନେ ଜାଣନ୍ତି ନାହିଁ—କଣିବେ କାହିଁକି ?

—ମୁଁ ଆସିଛି ତାଙ୍କ ଭିତରେ ଏ ସବୁ ଜାଗ୍ରତ କରିବା ପାଇଁ ।

କହିଉଠିଲେ ହେଲେନା :

—ସେମାନେ ମଣିଷ ପରି ବଞ୍ଚିବେ । ତାଙ୍କ ଭିତରେ ଆତ୍ମବିଶ୍ୱାସ ଆସିବ ।

—ବ୍ୟସ୍ତ ହୁଅ ନାହିଁ ହେଲେନା । —ଗମ୍ଭୀର ସ୍ୱରରେ କହିଲେ ଧାନେଶ ।

—ଏଠାକୁ ଅନେକ ମିଶନାରୀ ଆସନ୍ତି । ଧର୍ମଯାଜକ ଆସନ୍ତି । ବକ୍ତା, ସଂସ୍କାରକ ମଧ୍ୟ ଆସନ୍ତି । ଓଜସ୍ୱିନୀ ଭାଷାରେ ଭାଷଣ ଦିଅନ୍ତି । ରୋବଟ୍‌ମାନେ ଶୁଣନ୍ତି । ତାଙ୍କର ସମସ୍ତ ମୁଖସ୍ଥ ହୋଇଯାଏ । କିନ୍ତୁ ତାଙ୍କ ମୁହଁରେ ହସ ଆସେ ନାହିଁ । ଆଖିରେ ତେଜ ଉଠେ ନାହିଁ । ସ୍ୱରରେ ତାପ ଜାଗେ ନାହିଁ ।

Digitized by srujanika@gmail.com

—ହେଲେନା, ତମେ ଏଠାରେ କିଛି ଦିନ ରହିଲା ପରେ ସବୁ କଥା ଦେଖିପାରିବ – ସବୁ ବୁଝିପାରିବ ।

ସମସ୍ତେ ଉଠିପଡ଼ିଲେ ।

—ଆମେ କୁମାରୀ ରଶ୍ମିଙ୍କର ରହିବା ଲାଗି ବ୍ୟବସ୍ଥା କରୁଛୁ । ମଧ୍ୟାହ୍ନ ଭୋଜନ ଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଯିବ ।

ସମସ୍ତେ ବାହାରିଗଲେ ।

କବାଟ ବନ୍ଦ ହୋଇଗଲା ।

ରହିଲେ କେବଳ ହେଲେନା ଏବଂ ଧାନେଶ ।

—ମୋର ଗୋଟିଏ ପ୍ରଶ୍ନ ପଚାରିବାର ଅଛି ହେଲେନା । ଅତି ନିଗୂଢ଼ ସେ ପ୍ରଶ୍ନ । କିଛି ଭାବିବ ନାହିଁ । ପାଞ୍ଚ ମିନିଟ୍ ମାତ୍ର ସମୟ ଅଛି ।

—ତମେ ମୋତେ ବିବାହ କରିବ ହେଲେନା ?

—ଅର୍ଥାତ୍··· ?

—ତୁମେ ହେବ ମୋର ସ୍ତ୍ରୀ ।

—ତୁମେ କ'ଣ ପାଗଳ ?

—ଲୋକେ ଏପରି ପାଗଳ ହୁଅନ୍ତି ।

—ଏଠାକୁ କେବେ କଣ କୌଣସି ତରୁଣୀ ଆସନ୍ତି ନାହିଁ ?

—ଆସନ୍ତି···ତରୁଣୀ, ରୂପସୀ । ମାତ୍ର ସମସ୍ତଙ୍କ ·ପାଖରେ କଣ ମନ ମାନେ ?

—ନା, ନା, ନା ।

—ରାଗ କର ନାହିଁ ହେଲେନା । ତୁମେ ଅବଗୁଣ୍ଠନ କାଢ଼ିଦେଲ । ତମ ଆଖିରେ ମୁଁ ଦେଖିଲି ମୋ ପ୍ରାଣର ନିବିଡ଼ ଆକର୍ଷଣ । ବିରକ୍ତ ହୁଅ ନାହିଁ, ହେଲେନା—ମୁଁ ଅତି ଉତ୍କଣ୍ଠିତ ।

Digitized by srujanika@gmail.com

—ତୁମେ ଅତି ଅଭଦ୍ର ।

—ଉପାୟ ନାହିଁ ! ହେଲେନା ।

—ନା, ନା, ନା · କଦାପି ନୁହେଁ । ମୁଁ ତୁମକୁ ଟିକିଏ ହେଲେ ଜାଣିବାର ଅବକାଶ ପାଇନାହିଁ ।

ଉଠିବାକୁ ବସିଲେ ହେଲେନା ।

ତାଙ୍କର ଦୁଇ କାନ୍ଧ ଉପରେ ହାତ ରଖି କହିଲେ ଘନେଶ !

ଆଉ ଅଛି ମାତ୍ର ଦୁଇ ମିନିଟ୍ ସମୟ । ମୋର ଅନୁନୟ ରକ୍ଷା କର ହେଲେନା । ସମ୍ମତ ହୁଅ···ହୁଅ ହେଲେନା·· ଶେଷ ଉତ୍ତର ଦିଅ ।

ହେଲେନା ବ୍ୟସ୍ତ ହୋଇପଡ଼ିଲେ ।

—କଅଣ କହିବ ? ଦିଅ, ଛାଡ଼ ମୋତେ । କହିବାର ଆଉ କିଛି ମୋର ନାହିଁ ଘନେଶ ।

ଘନେଶଙ୍କର ମୁହଁକୁ ନିର୍ନିମେଷ ନୟନରେ ଚାହିଁରହିଲେ ହେଲେନା ।

●

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ହେଲେନାଙ୍କ ବୈଠକଖାନା । ଯେକୌଣସି ସମ୍ଭ୍ରାନ୍ତ ମହିଳାଙ୍କର କକ୍ଷ ପରି ସୁସଜ୍ଜିତ । ଗାଲିଚ୍ଛ, ସୋଫା, ଗୋଟିଏ ଗ୍ଲେଟ ଟେବୁଲ । କାନ୍ଥରେ କେତୋଟି ଛବି । ମଝିରେ ଝରକା । ସେ ବାଟ ଦେଇ ଦେଖାଯାଉଛି ଦୂରରେ ସମୁଦ୍ର ଏବଂ ସୂର୍ଯ୍ୟୋଦୟ । ଗୋଟିଏ ପଟ କାନ୍ଥକୁ ଲଗି ଅଗ୍ନିକୁଣ୍ଡ । ଖରା ଦିନ । ଅଗ୍ନିକୁଣ୍ଡର ମୁହଁ ଆବୃତ କରାଯାଇଛି । ସେ ଆବରଣରେ ଅଛି ଅଗ୍ନିଶିଖାର ଛବି ।

ଆର ପାଖକୁ ଲଗିଛି ଶୟନକକ୍ଷ । କବାଟ ମେଲା ଅଛି ।

ଘନେଶ ଚିନ୍ତାମଗ୍ନ । ସମୁଦ୍ର ଆଡ଼କୁ ଚାହିଁଛନ୍ତି । ଉଠିଲେ । ରିଭଲ୍‌ଭର୍ ବାହାରକଲେ । ଟିକିଏ ଚାହିଁଲେ । ରଖିଦେଲେ ।

କବାଟରେ ମୃଦୁ ଆଘାତ ହେଲା । ପ୍ରବେଶ କଲେ ଚିଫ୍ ଇଞ୍ଜିନିୟର୍ ବନ୍ଧାଣୀ ଏବଂ ମନସ୍ତତ୍ତ୍ୱବିତ୍ ମାନସ । ହାତରେ ସୁନ୍ଦର ସୁବାସିତ ଫୁଲତୋଡ଼ା ।

—ଆଉ କଣ ଖବର ଆସି ପହଞ୍ଚିଛି ?

ପଚାରିଲେ ଇଞ୍ଜିନିୟର ବନ୍ଧାଣୀ ।

—ଆଜି ଦିନଟା ଭଲରେ କଟିଯାଉ ।

— ଚୁପ୍ !

Digitized by srujanika@gmail.com

ଆଙ୍ଗୁଠି ଦେଖାଇ ତାଗିଦ୍ କଲେ ମାନସ ।

—ହେଲେନା ଶୁଣିପାରିବେ । ଏ ସବୁ ସେ କିଛି ଜାଣିନାହାନ୍ତି ।

ସମୁଦ୍ର ଆଡ଼କୁ ଚାହିଁଥା'ନ୍ତି ।

କ୍ଷୀଣ ସ୍ୱରରେ କହି'ଲେ ଘନେଶ :

—ଜାହାଜର କୌଣସି ସୂଚନା ଜଣା ଯାଉନାହିଁ । କଅଣ ହେଲା କେଜାଣି ? ଅବସ୍ଥା ବୋଧହୁଏ ସଙ୍ଗୀନ୍ । ଯାହାହେଉ, "ଅନ୍ତମା" ଜାହାଜଟି ଠିକ୍ ସମୟରେ ଆସିଯାଇଛି ।

—ଆଚ୍ଛା, ଏ ସବୁ ସୁନ୍ଦର ପଞ୍ଚରଙ୍ଗୀ ଫୁଲ କେଉଁଠାରୁ ପାଇଲ ?

—ବଗିଚାରେ କରିଛି । ଦୁଇଟା ଫୁଲର ସମ୍ମିଶ୍ରଣ । ଆହୁରି ବଡ଼ ଫୁଲ ଫୁଟିବ ଆରବର୍ଷକୁ ।

ଉତ୍ତର ଦେଲେ ମାନସ ।

—ଓ · ଆରବର୍ଷ !

ଦୀର୍ଘନିଶ୍ୱାସ ଛାଡ଼ି କହିଲେ ଘନେଶ ।

ଶୟନ କକ୍ଷରୁ ହେଲେନା ଡାକଲେ ପରିଚାରିକା ହେମାକୁ ।

ସାରସ ଏବଂ ବରାଣୀ ବାହାରିଗଲେ ।

'ଅସୁସ୍ଥ' କହି ହେମା ପହଞ୍ଚିଲା ଶୟନ କକ୍ଷରେ ।

— ଏ ଜନ୍ତୁଗୁଡ଼ାକ ଦେଖିଲେ ମୋ ଦେହ ଥରୁଛି । ଏଗୁଡ଼ାକ ସବୁ ରାକ୍ଷସ । କୁକୁର ମଧ୍ୟ ତାଙ୍କ ହାତରୁ ମାଂସ ଖାଉନାହିଁ ।

—କିଏ ? ଏଇ ରୋବଟ୍ ?

ପଚାରିଲେ ହେଲେନା ।

—ହଁ । ତାଙ୍କ ନାଆଁ ଧରିବାକୁ ମୋର ଡର । ଆଜି ଆଉ ଗୋଟାଏ ପାଗଳାକୁ ବାନ୍ଧିଛନ୍ତି···ଯେଉଁଟା ତମ ପାଖକୁ ସବୁବେଳେ ଆସେ । ଯାହାକୁ ତୁମେ ଲାଇବ୍ରେରୀରେ ରଖିଲଛ ।

Digitized by srujanika@gmail.com

ହେମାର ସ୍ୱରରେ ଡାକିଲ୍ୟ ।

—କିଏ ? ଚଞ୍ଚଳ ? ଆଚ୍ଛା !

ଘନେଶ ବୈଠକଖାନାରେ ଗୁଣୁ ଗୁଣୁ ସ୍ୱର ଧରି ଧୀରେ ଧୀରେ ବୁଲୁଛନ୍ତି ।

ହେଲେନା ଶୟନ କକ୍ଷରୁ ପ୍ରବେଶକଲେ ।

ପଚାରିଲେ—ଏସବୁ ସୁନ୍ଦର ଫୁଲତୋଡ଼ା କିଏ ଆଣିଛନ୍ତି ?

ହାତରେ ଧରି ମୁହଁ ପାଖକୁ ନେଲେ ।

—କି ସୁନ୍ଦର ଏହାର ମହକ !

—ଆଣିଛନ୍ତି ସାରସ ଏବଂ ବନ୍ଧାଣୀ । ସେଠାରେ ମୋ କୋଟ୍ ପକେଟ୍ ଦେଖ ।

କହିଲେ ଘନେଶ ।

—ମୁକ୍ତାହାର ! ମୋତିଗୁନ୍ଥା ପଦକ !

ଏ ସବୁ କ'ଣ ? କାହା ପାଇଁ ?

ପଚାରିଲେ ହେଲେନା ।

—ଆମର ବନ୍ଧୁମାନେ ଆଣିଛନ୍ତି ଏ ସବୁ ଉପହାର । ସମସ୍ତଙ୍କର ତୁମଠାରେ ଅତ୍ୟନ୍ତ ଶ୍ରଦ୍ଧା ।

—ମନେ ଅଛି ହେଲେନା···ଠିକ୍ ପାଞ୍ଚବର୍ଷ ତଳେ ଏଇ ତାରିଖରେ ତମେ ଏଠାକୁ ଆସିଥିଲ । ସେଥିପାଇଁ ଆଣିଛନ୍ତି ଏ ସମସ୍ତ ଶ୍ରଦ୍ଧାର ନିଦର୍ଶନ ।

—ଆହୁରି ଦେଖ ।

ହେଲେନା ଅନ୍ୟ ପକେଟ୍‌ରେ ହାତ ପୂରାଇ ବାହାର କଲେ ଏକ ରିଭଲ୍‌ଭର୍ ।

—ଏ କ'ଣ ? ପକେଟ୍‌ରେ ରିଭଲ୍‌ଭର୍ କାହିଁକି ? ହୋଇଛି କ'ଣ ?

Digitized by srujanika@gmail.com

—କିଛି ହୋଇନାହିଁ । ଟିକିଏ ଅନ୍ୟମନସ୍କ ହୋଇ ପକେଟ୍‌ରେ ରଖି ଦେଇଛି ।

—ଗୁଡ୍, ଏଇ ଦେଖିବ ଆସ ।

ହାତ ଧରି ହେଲେନାକୁ ନେଇଗଲେ ଗବାକ୍ଷ ନିକଟକୁ ।

—ଏଇ ଦେଖ···ଠିକ୍ ସମୁଦ୍ରରେ ପୋତାଶ୍ରୟରେ ଲାଗିଯାଇଛି 'ଅନ୍ତିମା' । ଖୁବ୍ ସୁନ୍ଦର ଏ ଜାହାଜଟି । ତମରି ପାଇଁ ଆସିଛି ଏ ଜାହାଜ । ଏଇ ଜାହାଜରେ ତମେ ଦିଗନ୍ତବ୍ୟାପୀ ନୀଳ ଜଳଧି ଉପରେ ବିହାର କରି ବୁଲିବ । ସ୍ୱଚ୍ଛନ୍ଦ ବିହାର । ସେଠାରେ ସମସ୍ତ ପରିବ୍ୟାପ୍ତ । କୌଣସି ପ୍ରକାର ପ୍ରତିବନ୍ଧକ ନଥିବ ।

—ସେ ଜାହାଜରେ ତୋପ ବନ୍ଧୁକ ଖଞ୍ଜା ଯାଇଛି କାହିଁକି ?

ପଚାରିଲେ ହେଲେନା ।

—ତମେ ରାଣୀ ପରି ବିହାର କରିବ । ସାଙ୍ଗରେ ରହିବେ ପରିଚର, ପରିଚାରିକା, ଦେହରକ୍ଷୀ ।

—କାହିଁକି ? ହେଲା କଣ ? କିଛି ଖରାପ ସମ୍ବାଦ ଆସିଛି କି ?

ପଚାରିଲେ ହେଲେନା ।

—ନା··କିଛି ସମ୍ବାଦ ଆସି ନାହିଁ । ଚିଠି ନାହିଁ । ପତ୍ର ନାହିଁ । ଟେଲିଗ୍ରାମ୍ ନାହିଁ । ଗୋଟାଏ ସପ୍ତାହ ବିତି ଚାଲିଲାଣି । ସବୁ କାମ ଏକପ୍ରକାର ବନ୍ଦ ହୋଇଯାଇଛି ।

ଦିନେଶଙ୍କ କଣ୍ଠରେ ହତାଶାର ଆଭାସ ।

—ତମେ ବିବ୍ରତ ହୋଇପଡ଼ିଛ ଦିନେଶ !

କହିଲେ ହେଲେନା ।

—ଅଫିସ୍ ଯାଅ ନାହିଁ । ଦିନସାରା ଆଜି ମୋ ପାଖରେ ରହ ।

Digitized by srujanika@gmail.com

—ପାଞ୍ଚବର୍ଷ ତଳେ ଯେତେବେଳେ ମୁଁ ଏ ଦ୍ୱୀପକୁ ଆସିଲି, କଳ୍ପନା କରିଥିଲି ରୋବଟ୍‌ମାନଙ୍କର ଏକ ବିଦ୍ରୋହ……

ଘନେଶ ଚମକିଉଠିଲେ ।

—ରୋବଟ୍‌ମାନଙ୍କର ବିଦ୍ରୋହ ?

—ତମେ ମୋତେ ବିବାହ କଲ । ହେଲେନା କହି ଗୁଲିଲେ :

—ତୁମର ଏବଂ ତୁମ ସାଥିମାନଙ୍କର ବ୍ୟକ୍ତିତ୍ୱ, ଦାମ୍ଭିକତା ଏବଂ ଆତ୍ମବିଶ୍ୱାସ ମଧ୍ୟରେ ମୋର କ୍ଷୀଣ ଅସ୍ତିତ୍ୱ ହଜିଗଲା । ମାତ୍ର ଏ ପାଞ୍ଚବର୍ଷ ମୋ ପ୍ରାଣରେ ଲାଗି ରହିଛି ଉତ୍କଣ୍ଠା । କିନ୍ତୁ ତୁମମାନଙ୍କ ମଧ୍ୟରେ କାହାର ହେଲେ ଟିକିଏ ଚେତନା ଉଦ୍ରେକ ହେଲା ନାହିଁ । ତୁମର ପରିକଳ୍ପନା ବିପର୍ଯ୍ୟସ୍ତ ହୋଇଗଲେ ସୁଦ୍ଧା……

ଘନେଶ ଅସ୍ଥିର ହୋଇପଡ଼ିଲେ ।

—କଅଣ ବିପର୍ଯ୍ୟସ୍ତ ହେଲା ? କି ବିପର୍ଯ୍ୟୟ ଘଟିଲା ? କେଉଁଠାରେ ଘଟିଲା ?

—କେତେ ସ୍ଥାନରେ ଶ୍ରମିକମାନେ ରୋବଟ୍‌ଙ୍କ ବିରୋଧରେ ବିଦ୍ରୋହ କଲେ । ଯନ୍ତ୍ରପାତି ଭାଙ୍ଗି ଧ୍ୱଂସ କରିଦେଲେ । ମାଲିକମାନେ ରୋବଟ୍‌ଙ୍କ ହାତରେ ଦେଲେ ଗୁଳିଗୋଳା ବନ୍ଧୁକ । ରୋବଟ୍‌ମାନେ ଶ୍ରମିକମାନଙ୍କୁ ମୂଳପୋଛ କରିଦେଲେ । ଅନେକ ଦେଶରେ ସରକାର ରୋବଟ୍‌ଙ୍କୁ ସୈନିକ-ଶ୍ରେଣୀ ଭୁକ୍ତ କଲେ । ବିଭିନ୍ନ ସ୍ଥାନରେ ଲାଗିଗଲା ଯୁଦ୍ଧ ।

ହେଲେନା କହିଗୁଲିଲେ ।·

—ତୁମେମାନେ ଏତେ ଶକ୍ତିଶାଳୀ ହୋଇପଡ଼ିଲ ଯେ ସାରା ପୃଥିବୀ ତୁମ ପାଖରେ ନତମସ୍ତକ ହୋଇପଡ଼ିଲା ।

—ମୋର ଅନୁରୋଧ ଶୁଣ ଘନେଶ । ଗୁଲ, ଆମେ ସମସ୍ତେ ବାହାରି ଯିବା—ବହୁ ଦୂରରେ କୌଣସି ନିର୍ଜନ ସ୍ଥାନକୁ । ସେଠାରେ ରୋବଟ୍ ନ ଥିବେ । ମଣିଷ ମଧ୍ୟ ନ ଥିବେ । ଆମର ସହକର୍ମୀ ସୁଦକ୍ଷ ସଚିବ ଆମ ପାଇଁ ତୋଳି ଦେବେ ଏକ ରମଣୀୟ କୁଟୀର । ଶାନ୍ତିରେ, ଏକ ମନୋରମ

Digitized by srujanika@gmail.com

ପରିବେଶ ମଧ୍ୟରେ, ଆମର ଜୀବନ ହେବ ମଧୁମୟ । ଆମର ସନ୍ତାନ ଜନ୍ମ ଗ୍ରହଣ କରିବେ । ଆମେ ରଚିବା ଏକ ନୂତନ ଜୀବନ ।

ଟେଲିଫୋନ୍ ବାଜିଲା । ଘନେଶ ଉଠାଇଲେ ।

—ହଁ ମୁଁ ଯାଉଛି ଯାଉଛି ଆସୁଛି ।

ବନ୍ଧାଣୀ ଡାକୁଛନ୍ତି । ଜରୁରୀ ଡାକରା ।

ହେଲେନାଙ୍କ ଅନୁମତି ନମାନି ବାହାରିଗଲେ ଘନେଶ ।

ହେଲେନା ଏକ ଲକ୍ଷ୍ୟରେ ସମୁଦ୍ର ଆଡ଼କୁ ଚାହିଁଲେ । ବାଇନୋକୁଲାର ବାହାରକରି ଦେଖିଲେ ।

—'ଅନ୍ତିମା' ଏକ ଯୁଦ୍ଧ ଜାହାଜ । ଏହାର ନାମ ଅନ୍ତିମା କାହିଁକି ?

ଡାକିଲେ ହେମାକୁ ।

—ମିଷ୍ଟର ଘନେଶଙ୍କ ପ୍ରସାଧନ କକ୍ଷରୁ ଖବରକାଗଜ ଆଣ ତ !

ହେମା କାଗଜ ନେଇ ଆସିଲା ।

ତା'ହାତରୁ ଖବରକାଗଜ ନେଇ ଦେଖିଲେ ।

—ଓ, ସାତଦିନ ତଳର ଏ କାଗଜ ! ତା'ପରେ ଆଉ ଆସି ନାହିଁ ।

ତଳକୁ ଫିଙ୍ଗିଦେଲେ ।

ତଳୁ ଉଠାଇ ଆଣି ହେମା ଧୀରେ ଧୀରେ ପଢ଼ି ବସିଲା ।

—ବଲ୍କାନ୍‌ରେ ସଂଘର୍ଷ ।

—ମାଦ୍ରିଦ୍‌ରେ ସରକାରଙ୍କ ବିରୋଧରେ ବିଦ୍ରୋହ ।

—ରେବେଟ୍ ସୈନ୍ୟବାହିନୀ ଅଗଣିତ ମଣିଷଙ୍କୁ ହତ୍ୟା କରିଛନ୍ତି ।

—ରେବେଟ୍‌ମାନେ ଯେଉଁ ଅଞ୍ଚଳରେ ପ୍ରବେଶ କରୁଛନ୍ତି ସେଠାରେ ସବୁ ଲୋକଙ୍କୁ ମୂଳପୋଛ କରୁଛନ୍ତି ।

—ବନ୍ଦକର ହେମା !

ବିହ୍ୱଳ କଣ୍ଠରେ କହିଉଠିଲେ ହେଲେନା ।

Digitized by srujanika@gmail.com

—ସବୁଆଡ଼େ ଖାଲି ଯୁଦ୍ଧ, ସଙ୍ଘର୍ଷ, ବିଦ୍ରୋହ, ହତ୍ୟାକାଣ୍ଡ...

ହେମା ପଢ଼ିଲାଗିଛି ।

ବଡ଼ ବଡ଼ ଅକ୍ଷରରେ ଲେଖାଯାଇଛି—ବେଲଜିୟମ୍‌ର ହାଭ୍ରେ ଅଞ୍ଚଳରେ ଆନ୍ତର୍ଜାତୀୟ ଗେବଷ୍ଟମାନଙ୍କର ପ୍ରଥମ ସଂଘ ଗଢ଼ା ଯାଇଛି । ଏଥିରେ ଯୋଗ ଦେବାପାଇଁ ସବୁ ଦେଶର ଗେବଷ୍ଟମାନଙ୍କୁ ଆହ୍ୱାନ କରାଯାଇଛି ।

—ଏ ସବୁ ମୁଁ କିଛି ବୁଝିପାରୁନାହିଁ ।

—ଥାଉ !

ବାରଣ କଲେ ହେଲେନା ।

ହେମା କାଗଜ ଓଲଟାଇ ଲାଗିଛି ।

ଆଉ ଗୋଟିଏ ଖବର । ପୁଣି ବଡ଼ ଅକ୍ଷରରେ ବାହାରିଛି । ଗତ ସପ୍ତାହରେ ପୃଥିବୀର କୌଣସି ସ୍ଥାନରେ ଗୋଟିଏ ହେଟେରୋ ମଣିଷ ସନ୍ତାନ ଜନ୍ମଗ୍ରହଣ କରିନାହାନ୍ତି ।

ହେଲେନା ଚମକିଉଠିଲେ ।

—କାହିଁକି ? କାହିଁକି ହେମା ? କାହିଁକି ?

ହେମା ଉତ୍ତର ଦେଲା :

—ମଣିଷର ପାପ ପାଇଁ ପ୍ରଭୁଙ୍କର ଦଣ୍ଡ । ଏ ସଂସାର ସରିଯିବ ।

କାଗଜ ଧରି ହେମା ବାହାରିଗଲା ।

ଝରକା ଖୋଲି ହେଲେନା ଡାକିଲେ କାରଖାନା ସଚିବଙ୍କୁ ।

—ଶେଖର, ଭାରି ଦରକାର – ଶୀଘ୍ର ଟିକିଏ ଆସ ।

ସଚିବ ପ୍ରବେଶ କଲେ ।

—ଆଉ ସବୁ କଅଣ ଖବର ଆସି ପହଞ୍ଚିଛି ?

ହେଲେନା ପଚାରିଲେ ।

Digitized by srujanika@gmail.com

—ମୋତେ ବଡ଼ ଭୟ ଲାଗୁଛି । ବଡ଼ ଅଥୟ ଲାଗୁଛି ।

—ନୂଆ ଖବର କିଛି ଆଉ ନାହିଁ ।

ସଚିବ ଉତ୍ତର ଦେଲେ ।

—ଏଠାରେ ବିଦ୍ରୋହ, ସେଠାରେ ସଂଘର୍ଷ, ଯୁଦ୍ଧ, ଗଣହତ୍ୟା··· ଏଇ ସବୁ ମାମୁଲି ଖବର ।

—ଏସବୁ ତୁମେ ମାମୁଲି ଖବର ବୋଲି କହୁଛ, ଶେଖର ? ତୁମକୁ କେବେ ଭୟ ଲାଗୁନାହିଁ ?

ସଚିବ ଧୀରସ୍ଥିର ଭାବେ ଉତ୍ତର ଦେଲେ :

—ମୋର ବୟସ ହୋଇଗଲାଣି । ଏ ବୈଜ୍ଞାନିକ ପ୍ରଗତିରେ ମୋର ଆଗ୍ରହ ନାହିଁ । ତଥାକଥିତ ନଗରୀକରଣରେ ମୋର ଉତ୍ସାହ ନାହିଁ । ମୁଁ ପ୍ରାର୍ଥନା କରୁଛି—ହେ ପ୍ରଭୁ, ଧନେଶଙ୍କୁ ଭଲ ବୁଦ୍ଧି ଦିଅ । ଏ କାରଖାନା ଧ୍ୱଂସ ହେଉ । ମାନବ ଜାତି ସଂହାରରୁ ରକ୍ଷାପାଉ । ରୋବର୍ଟଙ୍କ ଦୌରାତ୍ମ୍ୟରୁ ମୁକ୍ତି ପାଉ । ହେଲେନାଙ୍କର ମଙ୍ଗଳ ହେଉ ।

— ତୁମେ··ତୁମେ ଉପାସନାରେ ବିଶ୍ୱାସ କର ଶେଖର ?

ପଚାରିଲେ ହେଲେନା ।

—ଜାଣେ ନାହିଁ । ମାତ୍ର ଦୁଶ୍ଚିନ୍ତା ଅପେକ୍ଷା ଉପାସନା ଶ୍ରେୟସ୍କର ।

ନମସ୍କାର କରି ବାହାରିଗଲେ ସଚିବ ।

ହେଲେନା ହେମାଙ୍କୁ ନିର୍ଦ୍ଦେଶ ଦେଲେ, ରୋବର୍ଟ ଚାର୍ଲିଙ୍କୁ ଡାକି ଆଣିବା ପାଇଁ ।

ଟେଲିଫୋନ୍‌ରେ ଅନୁରୋଧ କଲେ ଶରୀର-ବିଜ୍ଞାନୀ ଯାଦବଙ୍କୁ ଆସିବା ପାଇଁ ।

ଚାର୍ଲିର ପ୍ରବେଶ ।

ହେଲେନା ପଚାରିଲେ—

Digitized by srujanika@gmail.com

—ଚଞ୍ଚଳ, ତମେ ଏପରି ଉତ୍ପାତ କରୁଛ କାହିଁକି ? ଡକ୍ଟର ସାରଥ ତୁମକୁ ଅଧିକ ଯତ୍ନରେ ପ୍ରସ୍ତୁତ କରିଛନ୍ତି । ତୁମର ଏ ଔଦ୍ଧତ୍ୟ କାହିଁକି ? ତୁମକୁ ବାଧହୋଇ ଚୂର୍ଣ୍ଣଶାଳାକୁ ପଠାଇଦେବେ ।

—ଦିଅ, ପଠାଇଦିଅ ।

କହିଲା ଚଞ୍ଚଳ ।

—ମୁଁ ତୁମମାନଙ୍କ ପାଇଁ ପରିଶ୍ରମ କରିବି ନାହିଁ ।

—ତୁମେ ଆମକୁ ଘୃଣା କରୁଛ କାହିଁକି ?

ପଚାରିଲେ ହେଲେନ ।

—ରୋବଟ୍‌ମାନେ ମଣିଷଙ୍କଠାରୁ ବେଶି ନିପୁଣ, ଅଧିକ କାର୍ଯ୍ୟକ୍ଷମ ।

ଦମ୍ଭରେ କହିଲା ଚଞ୍ଚଳ ।

—ତୁମେ ଖାଲି ଆଦେଶ ଦିଅ – ଭଷଣ ଦିଅ ।

ହେଲେନା କହିଲେ—ଡକ୍ଟର ମାନସ ତୁମ ମସ୍ତକରେ ଖଞ୍ଜିଛନ୍ତି ଉନ୍ନତ ମସ୍ତିଷ୍କ । ତୁମେ ଅନ୍ୟମାନଙ୍କଠାରୁ ଅଧିକ ବୁଦ୍ଧିମାନ୍ । ସେଥିପାଇଁ ମୁଁ ତୁମକୁ ଲାଇବ୍ରେରୀରେ ନିଯୁକ୍ତ ଦେଇଛି ।

ଚଞ୍ଚଳ ଉତ୍ତରୋତ୍ତର କହିଲାଗିଲା :

—ମୁଁ କାହାର ଅଧୀନରେ କାମ କରିବି ନାହିଁ । ମୋ ଉପରେ କାହାର ପ୍ରଭୁତ୍ୱ ରହିବ ନାହିଁ ।

—ଶୁଣ ଚଞ୍ଚଳ ! ତୁମେ ସବୁ ରୋବଟ୍‌ଙ୍କର ନେତୃତ୍ୱ ନେବାର ଦାୟିତ୍ୱ ବହନ କରିବ ।

—ନା···ମୁଁ ସବୁ ମଣିଷଙ୍କ ଉପରେ ପ୍ରଭୁତ୍ୱ କରିବି । ମୁଁ ସକଳ କାର୍ଯ୍ୟ ପାଇଁ ସକ୍ଷମ । ସବୁ ମୁଁ କରିପାରିବି ।

ଶରୀରବିଜ୍ଞାନୀ ସାରସ ପ୍ରବେଶକଲେ ।

ହେଲେନାଙ୍କୁ ଅଭିବାଦନ କଲେ ।

Digitized by srujanika@gmail.com

—ଚଞ୍ଚଳର ପୁଣି ଔଦ୍ଧତ୍ୟ ବାହାରି ଥିଲା । ସବୁ ପ୍ରଭୁମୂର୍ତ୍ତି ଭାଙ୍ଗି ପକାଇଛି । ତାକୁ ଚୂର୍ଣ୍ଣଶାଳାକୁ ପଠାଇଦିଆଯିବ । ଆଉ ଅନ୍ୟ ଉପାୟ ନାହିଁ ।

—ନା, ନା, ନା ।

କହିଉଠିଲେ ହେଲେନା ।

ସାରସ ଚଞ୍ଚଳ ନିକଟକୁ ଗଲେ । ତା'ର ଆଖି ଭିତର ପୂଅକୁ ଚାହିଁଲେ ।

ଜାମା ଖୋଲି ଛାତିରେ ତାର ହାତ ଦେଲେ ।

ଗୋଟିଏ ଛୁଞ୍ଚିରେ ତା'ର ହାତକୁ ଫୋଡ଼ିଦେଲେ । ସେ ଚିତ୍କାର କରି ଉଠିଲା ।

ସାରସ କହିଲେ :

ଚଞ୍ଚଳ, ଶ୍ରୀମନ୍ତ ହିନେଶ ତୁମପାଇଁ ସୁପାରିଶ କରିଛନ୍ତି । ତୁମକୁ ମୁକ୍ତି ଦିଆଗଲା ।

ଚଞ୍ଚଳ ବାହାରିଗଲା ।

—କଅଣ ଦେଖୁଥିଲ, ଡକ୍ଟର ମାନସ ?

ପଚାରିଲେ ହେଲେନା ।

—ତା' ଭିତରେ ଅନୁଭୂତି ସଞ୍ଚାରିତ ହୋଇଛି ।

ଉତ୍ତର ଦେଲେ ସାରସ ।

—ଆଖି ଡୋଳା ଭିତରେ ଭୟର ଚିହ୍ନ । ହୃତ୍‌ଧପଧପରେ ଆବେଗର ଚିହ୍ନ । ଆଉ ଛୁଞ୍ଚି ଫୋଡ଼ିଦେଲେ ଯନ୍ତ୍ରଣାର ଚିହ୍ନ । ଏ ସମସ୍ତ ଅନୁଭୂତିର ସଙ୍କେତ । ସେ ରୋବଟ୍ ସ୍ତରରୁ ଉପରକୁ ଉଠିଯାଇଛି । ତାକୁ ଚୂର୍ଣ୍ଣଶାଳାରେ ନିକ୍ଷେପ କରାଯାଇ ନ ପାରେ ।

—ମୁଁ ଭାରି ଖୁସି ହେଲି । କୃତଜ୍ଞତା ଜଣାଉଛି ।

କହିଲେ ହେଲେନା ।

Digitized by srujanika@gmail.com

—ଆଚ୍ଛା, ସେ ଯେଉଁ ସୁନ୍ଦରୀ ତରୁଣୀଟି ଗଢ଼ିଥିଲ, ତା'ର ନାମ କ'ଣଟି ?

—ମାଧୁରୀ ।

—ଅତି ସୁନ୍ଦର ସେ ଝିଅଟି । ସେ କିପରି ଅଛି ?

—ଆଶାନୁରୂପ ହୋଇ ପାରିଲା ନାହିଁ ।

ଉତ୍ତର ଦେଲେ ମାନସ ।

—ତୁମକୁ ଆଖିରେ ରଖି ମୁଁ ମାଧୁରୀକୁ ଗଢିଥିଲି । ପୂର୍ବଜ ରୋବଟ୍‌ମାନଙ୍କର ଗବେଷଣା ଖାତାରୁ ବାହାର କରି ରଖିଥିଲି ତା' ଭିତରେ ଟିକିଏ ଅନୁଭୂତି । ମାତ୍ର କୌଣସି କାମ କରିବାକୁ ସେ ନାରାଜ । ସବୁବେଳେ ସେ ସ୍ୱପ୍ନାବିଷ୍ଟ । ଆଖି ତା'ର ତନ୍ଦ୍ରାଭରା ।

—ଆଚ୍ଛା ଡକ୍ଟର, ଗୋଟିଏ କଥା ପଚାରିବି ! ପୃଥିବୀରେ ସର୍ବତ୍ର ଜନ୍ମର ହାର ତଳକୁ ଖସି ଆସୁଛି କାହିଁକି ? ପ୍ରଜନନ ଶକ୍ତି ହ୍ରାସ ପାଉଛି କାହିଁକି ?

—ମଣିଷ ଆଉ ଲୋଡ଼ା ନାହାନ୍ତି ।

ଉତ୍ତର ଦେଲେ ସାରସ ।

—ସବୁ କାମ କରିପାରୁଛନ୍ତି ରୋବଟ୍ । ମଣିଷ ଶ୍ରମିକ ସବୁଆଡେ ଅତି ମାତ୍ରାରେ ବଳକା ହୋଇପଡ଼ୁଛନ୍ତି । ଆଉ ଅସଲ କଥା, ମଣିଷ ରୋବଟ୍ ସୃଷ୍ଟି କରିବାରୁ ପ୍ରକୃତି ଅସନ୍ତୁଷ୍ଟ ହୋଇପଡ଼ୁଛି ।

ଉତ୍କଣ୍ଠିତ ସ୍ୱରରେ ପଚାରିଲେ ହେଲେନା ।

—ତେବେ ମଣିଷଙ୍କର ପୁଣି ହେବ କ'ଣ ?

—ଆଉ କିଛି କରି ହେବ ନାହିଁ ।

ଉତ୍ତର ଦେଲେ ସାରସ ।

—ପୃଥିବୀର ସବୁ ବିଶ୍ୱବିଦ୍ୟାଳୟ ଆବେଦନ କରୁଛନ୍ତି—ରୋବଟ୍ ନିର୍ମାଣ ନିୟନ୍ତ୍ରଣ କର—ନହେଲେ ଜନନ ଶକ୍ତି ଲୀନହୋଇଯିବ । ମାନବ

Digitized by srujanika@gmail.com

ଜାତି ଲୋପପାଇଯିବ । ଶୁଣୁଛ କଏ ? ବେବର୍ଟ୍ କାରଖାନାର ଅଂଶୀଦାରମାନେ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ତାଙ୍କର ଲୋଡ଼ା ପ୍ରଚୁର ଲଭ୍ୟାଂଶ । ସବୁ ସରକାରଙ୍କର ଆବଶ୍ୟକ ବହୁ ସଂଖ୍ୟାରେ ଗେବର୍ଟ୍—ତାଙ୍କର ସୈନ୍ୟବାହିନୀ ପାଇଁ । ଶିଳ୍ପପତିମାନେ ଗେବର୍ଟ୍ କିଣିବାପାଇଁ ପାଗଳ । ଉତ୍ପାଦନ ବଢ଼ିବ—ମାତ୍ର ମଜୁରି ଦେବାକୁ ପଡ଼ିବ ନାହିଁ । ଆଉ କରିଯିବ କିଏ ?

—କାରଖାନା ବନ୍ଦ କରିଦେଲେ ଏମାନେ ସମସ୍ତେ ଡ଼େଲା ମାରି ମାରି ଘାନେଶଙ୍କୁ ଶେଷକରିଦେବେ ।

ଆସୁଛି, ମିସେସ୍ ଘାନେଶ ।

ବାହାରିଗଲେ ସାରସ ।

ହେଲେନାଙ୍କ ପ୍ରାଣରେ ଆତଙ୍କ, ଉତ୍ତେଜନା ।

ଦଉଡ଼ିଯାଇ ବଡ଼ାଏ ଖଣ୍ଡି କାଠ ଆଣି ପକାଇଦେଲେ ।

ଡ଼ାକିଲେ :

—ହେମା, ଅଗ୍ନିକୁଣ୍ଡ ମୁହଁରୁ ଡାଙ୍କୁଣୀ କାଢ଼ିଦିଅ । ନିଆଁ ତିଆରି କର ।

ଗୁଣୁ ଗୁଣ ହୋଇ ହେମା କହିଲା—ଖରାଦିନରେ ପୁଣି ନିଆଁ କାହିଁକି ?

ହେଲେନା ଭିତରକୁ ଯାଇ ଗୋଟାଏ ପୁରୁଣା ଖାତା ବନ୍ଧା କାଗଜ ନେଇ ଆସିଲେ ।

—ଏଗୁଡ଼ାକ କି କାଗଜ ? ଆଉ ଦରକାର ନାହିଁ ?

ପଚାରିଲା ହେମା ।

—ନା । ଏ ଗୁଡ଼ାକ ଅତି ପୁରୁଣା । ଭୟାନକ ପୁରୁଣା ।

ଉତ୍ତରଦେଲେ ହେଲେନା ।

ଆଣ୍ଠୁମାଡ଼ି ବସି ଖଣ୍ଡି ଖଣ୍ଡି କରି ସେ ଗୁଡ଼ିକ ଅଗ୍ନିରେ ନିକ୍ଷେପ କଲେ ।

— ଦେଖ, ଦେଖ ହେମା । ଏ ଗୁଡ଼ାକ ସବୁ ନୋଟ୍ ମୁଦ୍ରା ।

Digitized by srujanika@gmail.com

—ଯାଉ···ଜଳଯାଉ । ଏତେଗୁଡ଼ାଏ ଅର୍ଥ ସବୁ ଅନର୍ଥର କାରଣ ।

ଉପଦେଶ ଦେଲା ପରି କହିଗଲା ହେମା ।

—ଏଥିରେ ଯେବେ ପୃଥିବୀର ଶ୍ରେଷ୍ଠ ଉଦ୍ଭାବନ ସଞ୍ଚିତ ହୋଇ ରହିଥିବ ?

—ପୋଡ଼ିଯାଉ । ଏ ସବୁ ଆଧୁନିକ ଉଦ୍ଭାବନ ଭଗବାନଙ୍କ ପ୍ରତି ଅବମାନନା । ଭଗବାନଙ୍କ ସୃଷ୍ଟି ଉପରେ ଆହୁରି ପୁଣି ନୂତନ ସୃଷ୍ଟି ଏକ ଅଭଦ୍ର ଦୁଷ୍କର୍ମ ।

ହେମାର ଭାଷା ଏବଂ ସ୍ୱରରେ ହେଲେନା ଅବାକ୍ ହୋଇଗଲେ ।

ଅଗ୍ନିଶିଖା ତେଜଉଠିଲା ।

—ଦେଖ, ଦେଖ ହେମା !

ହେଲେନାଙ୍କ ସ୍ୱରରେ ଉନ୍ମାଦନା ।

—ଏ ଅଗ୍ନିଶିଖା କପରି କୁଣ୍ଡଳୀଭୂତ ହୋଇ ଊର୍ଦ୍ଧ୍ୱଗାମୀ ହୋଇ ଉଠୁଛି । ଦେଖ ହେମା, ସେହି ଶିଖା ମଧ୍ୟରେ ମଣିଷ ହାତ ଠାରୁଛି । ଜିଭ ଲହ ଲହ କରୁଛି । ଜୀବନ୍ତ ଶରୀର ନୃତ୍ୟ କରୁଛି ।

ହେମା ଏବଂ ହେଲେନା ଚାହିଁଥାନ୍ତି । ଅଗ୍ନି ଗର୍ଭରେ ସମସ୍ତ କାଗଜପତ୍ର ଭସ୍ମହୋଇଗଲା ।

ଅବସନ୍ନ ହୋଇ ହେଲେନା ସୋଫା ଉପରେ ବସିପଡ଼ିଲେ ।

ଅଳ୍ପ ଦୂରରେ ଶୁଭିଲା ଉଚ୍ଚହାସ୍ୟ ।

ହେଲେନା କହିଲେ—ତମେ ଏଥର ଯାଅ ହେମା । ସେମାନେ ଆସୁଛନ୍ତି ।

ହେମା ବାହାରିଗଲା ।

ପ୍ରବେଶ କଲେ ମାନସ, ସାରସ, ସରବ । ପଛରେ ଧନେଶ ।

—ଆମେ ଆସିଲୁ ଶ୍ରୀମତୀ ହେଲେନା । ରେସମ୍ କାରଖାନା ପକ୍ଷରୁ ଆପର ଅଭିନନ୍ଦନ । ଆଜ ଉତ୍ସବର ଦିବସ । ଏ ଉତ୍ସବ ଆମକୁ ପାଳନ କରିବାକୁ ଦିଅ ।

Digitized by srujanika@gmail.com

ହେଲେନା ଭିତରକୁ ଚାଲିଗଲେ ।

ଆନନ୍ଦରେ ସମସ୍ତେ ମାତିଉଠିଲେ ।

—ସବୁ ହୋଇଯାଇଛି । ସେମାନେ ଆମକୁ ଆଉ ଧରି ପାରିବେ ନାହିଁ ।

ସାରସ ଏବଂ ମାନସ ଏକାବେଳକେ କହିଲାଗିଲେ ।

ଥାଳରେ ବୋତଲ ଏବଂ ଗିଲାସ ଧରି ପଶି ଆସିଲେ ହେଲେନା ।

—କିଏ ତୁମକୁ ଧରି ପାରିବେ ନାହିଁ ? କ'ଣ ହୋଇଛି ତୁମର ?

ଉତ୍କଣ୍ଠିତ ହୋଇ ପଚାରିଲେ ହେଲେନା ।

—ଆଜକୁ ପାଞ୍ଚବର୍ଷ ତଳେ ଆଜି ଦିନରେ ତମେ ଏ ଦ୍ୱୀପରେ ପଦାର୍ପଣ କରିଥିଲ, ଶ୍ରୀମତୀ ଘାନେଶ !

ଆରମ୍ଭ କଲେ ସାରସ ।

—ସାଢ଼େ ଏଗାରଟା ସମୟରେ । ଆଉ ପାଞ୍ଚ ମିନିଟ୍ ଅଛି ।

ସମସ୍ତେ ମଦ୍ୟ ଗିଲାସ ଧରି ହେଲେନାଙ୍କର ସୁସ୍ଥ ଜୀବନ କାମନା କଲେ ।

—ସେଇ ଜାହାଜ ଆଜି ଠିକ୍ ସମୟରେ ଆସି ପହଞ୍ଚିବ ।

—କେଉଁ ଜାହାଜ ? କାହିଁକି ଆସିବ ? ହୋଇଛି କଅଣ ?

ହେଲେନା ପ୍ରଶ୍ନ କଲେ ।

—ତୁମେ କ'ଣ କିଛି ଜାଣିନାହଁ ମିସେସ୍ ହେଲେନା ? ରୋବଟ୍‌ମାନେ ବିଦ୍ରୋହ କରିଛନ୍ତି । ଖବର କାଗଜରେ ପ୍ରକାଶ ପାଇଛି । ବେଲ୍‌ଜିଅମ୍‌ରେ ରୋବଟ୍ ସଂଘ ଗଠିତ ହୋଇଛି । ଏ ସଂଘ ପୃଥିବୀର ସମସ୍ତ ରୋବଟ୍‌ଙ୍କୁ ବିଦ୍ରୋହ କରିବାପାଇଁ ପ୍ରଚାରପତ୍ର ବଣ୍ଟନ କରିଛି ।

—ଏ ଖବର ମୁଁ ପଢ଼ିଛି । ଆଉ କିଛି ଖବର ଆସିଛି କି ?

ହେଲେନା ପଚାରିଲେ ।

Digitized by srujanika@gmail.com

—ଆଉ ଅଧିକ କି ଖବର ଆବଶ୍ୟକ ? ସେମାନେ ସବୁଜ ଅସ୍ତ୍ରଶସ୍ତ୍ର, ଟେଲିଗ୍ରାମ୍, ଟେଲିଫୋନ୍, ରେଲ, ଜାହାଜ ସବୁ ଅଧିକାର କରିଛନ୍ତି । ତାଙ୍କର ସଂଖ୍ୟା ମଣିଷ ସଂଖ୍ୟାର ଦଶଗୁଣ । ଆମକୁ ଶେଷ କରିଦେବାକୁ କେତେ ସମୟ ଲାଗିବ ?

—ସେଇଥିପାଇଁ ମୋ ଲାଗି ଯୁଦ୍ଧ ଜାହାଜ ଅନ୍ତ୍ରମାକୁ ଆଣି ରଖିଥିଲ ?

—ଏଇ ଦେଖ, ଠିକ୍ ସାଢ଼େ ଏଗାର ବେଳକୁ ତମର ସେଇ ପୁରୁଣା ଜାହାଜ 'ଆମେଲି' ଆସି ପହଞ୍ଚିଯାଇଛି । ଯେଉଁଠାରେ ସମୟ-ସୂଚୀ ନିୟମିତ, ସେଠାରେ ମଣିଷର ଆଇନ କାନୁନ୍ କାମ କରେ, ପ୍ରକୃତିର ବିଧିବିଧାନ କାର୍ଯ୍ୟକାରୀ ହୁଏ, ଭଗବାନଙ୍କର ମାନ୍ତ ନିୟମ ମଧୁମୟ ହୁଏ ।

ସମୁଦ୍ର ଆଡ଼କୁ ହାତ ଦେଖାଇ କହିଲେ ଘନେଶ ।

—ଆମେଲି ଭିତରୁ ବଡ ବଡ ବ୍ୟାଗ ସେମାନେ ବାହାର କରି ଆଣୁଛନ୍ତି । ସାତ ଦିନ ହେଲା ଡାକ ଆସିନଥିଲା । ଆଜି ସବୁ ପୁରୁଣା ଡାକ ଏକାଠି ଆସି ପହଞ୍ଚୁଛି । ମୁଁ ଡାକକୁ ଅପେକ୍ଷା କରି ବସିଛି । ୟୁରୋପରେ ସେମାନେ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଜାଣିବା ପାଇଁ ମୁଁ ଉଦ୍‌ବିଗ୍ନ ।

—ଡକ୍ଟର ବନ୍ଧାଣୀ ଡାକ ନେଇ ଆସିଯିବେ ।

ଘନେଶ ନିବିଷ୍ଟ ଭାବରେ ଜାହାଜ ଆଡ଼କୁ ଚାହିଁରହିଛନ୍ତି ।

—ପୁଣି ଥରେ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି । ଚାଲ, ସମସ୍ତେ ଅନ୍ତ୍ରମା ଜାହାଜରେ ବସି ସବୁ ଛାଡ଼ି ବାହାରିଯିବା ।

ହେଲେନା ଆକୁଳ ସ୍ୱରରେ ନିବେଦନ କଲେ ।

—ଏ କାରଖାନା ବନ୍ଦକରିଦିଅ ।

—ବ୍ୟସ୍ତ ହୁଅ ନାହିଁ ହେଲେନା ।

ଘନେଶ ଆଶ୍ୱାସନା ଦେଇ କହିଲେ ।

—ଆମ ହାତରେ ରୋବଟ୍‌ଙ୍କର ଜୀବନ ନାଡିକା । ଅଗ୍ରଜ ଏବଂ ଅନୁଜ ଦୁଇ ରୋସମ୍‌ଙ୍କର ସବୁ କାଗଜପତ୍ର ଆମ ପାଖରେ ରହିଛି । ସେଥିରେ ଅଛି ସବୁ ସୂତ୍ର···ଫର୍ମୁଲା । ପ୍ରକ୍ରିୟା ପ୍ରଣାଳୀର ସବୁ ବିବରଣୀ ।

Digitized by srujanika@gmail.com

—ସେ ଗୁପ୍ତତତ୍ତ୍ୱ ସମସ୍ତଙ୍କର ଅଜ୍ଞାତ । ଆମେ କାରଖାନା ଛାଡ଼ି ବାହାର ଗଲେ ସେମାନେ ବିକଳ ହୋଇ ଆମକୁ ଖୋଜିବେ । ପାଦତଳେ ମୁଣ୍ଡି ଆମର ନିମନ୍ତ୍ରଣ କରି ଆଣିବେ । ଯେ କାଗଜତକ ଆମ ହାତରେ ଥିବାଯାଏ······

ବାଧା ଦେଇ ହେଲେନା କହିପକାଇଲେ—ମୋତେ ଏ ସବୁ ଆଗରୁ କହିଲ ନାହିଁ କାହିଁକି ?

ଚୀଫ୍ ଇଞ୍ଜିନିୟର ବନ୍ଦାଣୀ ପ୍ରବେଶକଲେ ।

ସମସ୍ତଙ୍କର ଗୋଟିଏ ପ୍ରଶ୍ନ ।

—କଅଣ ଖବର ? ଡାକରେ କଅଣ ଆସିଛି ?

ବନ୍ଦାଣୀ କହିଲେ—ସେଥିପାଇଁ ଏକ ଗୁପ୍ତ ବୈଠକ ପ୍ରୟୋଜନ ।

ହେଲେନା ଉଠିପଡ଼ିଲେ ।

—ଏଇ କକ୍ଷରେ ମନ୍ତ୍ରଣା କର । ମୁଁ ବାହାରିଯାଉଛି ।

ହେଲେନା ବାହାରିଗଲେ ।

ଉକ୍ତର ବନ୍ଦାଣୀ ଆରମ୍ଭ କଲେ—ଜାହାଜରେ ଭର୍ତ୍ତି ହୋଇ ଆସିଛି ହଜାର ହଜାର ବଡ଼ ବଡ ବ୍ୟାଗ୍ । ସବୁଥିରେ ଖାଲି ପ୍ରସ୍ତୁତିପତ୍ର ।

ପକେଟରୁ କେତେ ଖଣ୍ଡ ପ୍ରସ୍ତୁତିପତ୍ର ବାହାରିକଲେ ।

ସମସ୍ତଙ୍କ ମୁହଁରେ ଆତଙ୍କର ଚିହ୍ନ ।

—ମିଷ୍ଟର ଧନେଶ ପଢନ୍ତୁ ।

ଧନେଶ ପଢ଼ିଲାଗିଲେ—

—ବିଶ୍ବର ରୋବଟ୍‌ବୃନ୍ଦ, ଆମେ ରୋସମ୍‌ଙ୍କ ଆନ୍ତର୍ଜାତୀୟ ସଙ୍ଘର ରୋବଟ୍‌ବୃନ୍ଦ ଘୋଷଣା କରୁଛୁ ଯେ ଅତ୍ୟାସ୍ତ୍ରଗ୍ରୀ ମଣିଷ ଆମ୍ଭମାନଙ୍କର ଘୋର ଶତ୍ରୁ । ଆମ୍ଭେମାନେ ତାଙ୍କଠାରୁ ଅଧିକ ଦକ୍ଷ, ନିପୁଣ । ଅଧିକ ବୁଦ୍ଧିମାନ୍, ଅଧିକ ଶକ୍ତିଶାଳୀ । ସେମାନେ ସମସ୍ତେ ପରାଙ୍ଗପୁଷ୍ଟ ।

ଧନେଶ ସମସ୍ତଙ୍କ ମୁହଁକୁ ଗୃହିଁଲେ ।

Digitized by srujanika@gmail.com

—ଏ ଧ୍ୱନି ସେମାନେ ଶିଖିଲେ କେଉଁଠାରୁ ?

—ତା’ ପରେ ଲେଖା ଅଛି :

—ବିଶ୍ୱର ରୋବଟ୍‌ବୃନ୍ଦ ! ଆମର ଦାବୀ ଗଣହତ୍ୟା । ମାନବ ଜାତିକୁ ହତ୍ୟା କର । ସ୍ତ୍ରୀ ପୁରୁଷ କାହାରିକୁ ବାଦ୍ ଦିଅ ନାହିଁ । ସେମାନଙ୍କୁ ମୂଳପୋଛ କର । ମନେରଖ—ସବୁ କଳକାରଖାନା, ରେଲ୍, ଯନ୍ତ୍ରପାତି, ଖଣି, କଞ୍ଚା-ମାଲ, କିଛି ଯେପରି ନଷ୍ଟ ନ ହୁଏ ।

ଧନେଶ ବାହାରେ ଆଖି ବୁଲେଇଲେ—ସମୁଦ୍ର, କାରଖାନା ଯାହା ଆଖିରେ ପଡ଼ିଲା ।

ଦୀର୍ଘଶ୍ୱାସ ଛାଡ଼ିଲେ ।

—ସରିନାହିଁ । ଶେଷରେ ଅଛି, ଏ ପତ୍ରଲିପି ପହଞ୍ଚିଲା ମାତ୍ରକେ ଏ ସବୁ କାର୍ଯ୍ୟକାରୀ କରିବାକୁ ହେବ ।

ସମସ୍ତେ ନିସ୍ତବ୍ଧ ।

—ତେବେ ସରିଗଲା । ଶେଷ ମୁହୂର୍ତ୍ତ ଆସିଗଲା ।

ଦୀର୍ଘଶ୍ୱାସ ଛାଡ଼ି କହିପକାଇଲେ ସଚିବ ।

ଠିଆହୋଇପଡ଼ି ଧନେଶ କହିଲେ—ବାହାରିପଡ଼ । ଶୀଘ୍ର ବାହାରି ଆସ । ସମସ୍ତେ ଚାଲିଯିବା ଅନ୍ତିମା ଜାହାଜକୁ । ଜାହାଜ ପ୍ରସ୍ତୁତ ଅଛି ।

—ଅନ୍ତିମା ସରିଗଲାଣି । ସେଥିରେ ରୋବଟ୍‌ମାନେ ପ୍ରବେଶ କରି ସାରିଲେଣି ।

ବିଜ୍ଞାନୀଙ୍କ କଣ୍ଠରେ ହତାଶା ।

—ବିଦ୍ୟୁତ୍ କର୍ମଶାଳାକୁ ଫୋନ୍ କର । ସେଥିରେ ଆମର ଅନେକ ସହକର୍ମୀ ଅଛନ୍ତି ।

ଧନେଶ ଉଦ୍‌ବିଗ୍ନ ହୋଇପଡିଲେ ।

—ବିଜୁଳି କରେଣ୍ଟ ନାହିଁ । କଟିଗଲାଣି ।

କ୍ଷୀଣ ସ୍ୱରରେ କହିଲେ ବିଜ୍ଞାନୀ ।

Digitized by srujanika@gmail.com

ରିଭଲ୍‌ଭର୍ ଧରି ବାହାରିପଡ଼ିଲେ ଘିନେଶ ।

—ତେବେ ମୁଁ ଯାଉଛି । ସେମାନଙ୍କୁ ସାଙ୍ଗରେ ନେଇ ଆସିବି ।

—ଯାଅ ନାହିଁ । ଯାଅ ନାହିଁ । ରାସ୍ତା ନାହିଁ । ଗୁରିଆଡ଼େ ରେବିଟ୍-ମାନେ ଘେରିଗଲେଣି ।

ହାତରେ ଖଣ୍ଡେ ପ୍ରସ୍ତରପଟ୍ଟ ଧରି ଭିତରିଆଡ଼ୁ ଦଉଡ଼ି ଆସିଲେ ହେଲେନା ।

—ଏ ପଟ୍ଟ ରେଷଘରକୁ ଆସିଥିଲା । ସେଠାରୁ ସମସ୍ତେ ବାହାରି ଗଲେଣି ।

ସମସ୍ତେ ହତବୁଦ୍ଧି ।

ସମସ୍ତଙ୍କ ମୁହଁରେ ଆତଙ୍କ ।

କାରଖାନାର ଶିଙ୍ଗା ବାଜିଲା ।

କାରଖାନା ଆଡ଼କୁ ସମସ୍ତଙ୍କର ମୁହଁ ।

ସେହି ଆଡ଼କୁ ଅଙ୍ଗୁଳି ଦେଖାଇ କହି ପକାଇଲେ ଘିନେଶ :

—ଏ ମଧ୍ୟାହ୍ନ ବିରତିର ଶିଙ୍ଗା ନୁହେଁ । ବାରଟା ବାଜି ନାହିଁ । ଏ ଶିଙ୍ଗା ଆକ୍ରମଣର ଆହ୍ୱାନ ।

Digitized by srujanika@gmail.com

ତୃତୀୟ ଅଙ୍କ

ହେଲେନାଙ୍କର ସେହି ବୈଠକଖାନା । ପାର୍ଶ୍ୱ କକ୍ଷରେ ହେଲେନା ପିଆନୋ ବଜାଉଛନ୍ତି ।

ଶଙ୍କରବଜ୍ଞାମୀ ସାରସ ବାହାରକୁ ଚାହିଁଛନ୍ତି । ସଚିବ ଗୋଟିଏ ଚୌକିରେ ହାତ ପାପୁଲରେ ମୁହଁମାଡ଼ି ବସିଛନ୍ତି ।

ଘନେଶ ପ୍ରବେଶ କଲେ ।

—ଓହୋ, ଏ ଗୁଡ଼ାକ କେତେ ଜମା ହୋଇଛନ୍ତି !

ବାହାରକୁ ଚାହିଁ ଆତଙ୍କିତ ଭାବରେ କହିପକାଇଲେ ସାରସ ।

—କିଏ ? ଏଇ ରେବେଲ୍‌ଗୁଡ଼ାକ ?

ପଚାରିଲେ ଘନେଶ ।

—ହଁ । ସେ ଗୁଡ଼ାକ ଆମ ଉଦ୍ୟାନର ତାରବାଡ ଚାରିପଟେ କାନ୍ଥପରି ଘେରିଯାଇଛନ୍ତି । ସେମାନେ ସମସ୍ତେ ନୀରବ । ଏ ନୀରବତା କାଳବୈଶାଖୀ ପରି ମାଡ଼ିପଡୁଛି ।

—ସେମାନେ ଆଉ ଅପେକ୍ଷା କରଛନ୍ତି କାହିଁକି ? ସାଙ୍ଗେ ସାଙ୍ଗେ ଆରମ୍ଭ କରୁନାହାନ୍ତି କାହିଁକି ? ଖାଲି ଯେବେ ତାରବାଡ଼ ଉପରେ ନଇଁ ଆସିବେ, ସମସ୍ତେ ଢଆସିଲ କାଠିପରି ଝଡ଼ିପଡିବେ ।

ଦମ୍ଭ ସହକାରେ କହିଲେ ଘନେଶ ।

—ସେମାନଙ୍କ ହାତରେ ତ ଅସ୍ତ୍ରଶସ୍ତ୍ର କିଛି ନାହିଁ—କରିବେ କ'ଣ ?

ପଚାରିଲେ ସାରସ ।

—ନ ଥିଲେ କଅଣ ହେଲା ? ଆମେ ପାଞ୍ଚ ମିନିଟ ମଧ୍ୟ ତିଷ୍ଠି ପାରିବା ନାହିଁ । ଜୁଆର ଆସିଲା ପରି ସେମାନେ ଆମ ଉପରେ ମାଡ଼ି ଆସିବେ । ଚାରିପଟେ ଘେରି ରହିଛନ୍ତି । ସବୁ ଏଥର ସରିଗଲା । ଆଉ ରକ୍ଷା ନାହିଁ ।

Digitized by srujanika@gmail.com

— ସବୁ ଭେବଟ୍ ଗୋଟାଏ ଗ୍ରୁପ୍‌ରେ ଗଢ଼ା ।

କହିଲେ ସାରସ ।

—ସମସ୍ତଙ୍କ ମୁହଁ ଏକାପରି । ଏଇଥିରୁ ଏକ ଲକ୍ଷ ମୁହଁ ଆମରି ଆଡ଼କୁ ଚାହିଁଛନ୍ତି । କାହାରି ମୁହଁରେ ଟିକିଏ ହେଲେ ତରଙ୍ଗ ନାହିଁ । ଗୋଟାଏ ଭୂତପ୍ରେତଙ୍କ ସମ୍ମେଳନ । ଭାଗ୍ୟକୁ କାହାରି ହାତରେ ମାରଣାସ୍ତ୍ର ନାହିଁ ।

—ଦେଖିଲ ସାରସ ! ଆମେଲ୍ଲି ଜାହାଜରୁ ସେମାନେ କଅଣ ଗୁଡ଼ାଏ ଓଟାରି ଲଗିଛନ୍ତି ? ଗୋଳା, ବାରୁଦ, ଅସ୍ତ୍ରଶସ୍ତ୍ର ନୁହେ ତ ?

ପଛପଟରୁ ଇଞ୍ଜିନିୟର ବନ୍ଧାଣୀ ଆଉ ମାନସ ଦୁଇଟା ବିଦ୍ୟୁତ୍ ତାର ଟାଣି ଟାଣି ଆଣିଲେ ।

ଟାଣି ଟାଣି ହାଲିଆ ହୋଇପଡ଼ିଛନ୍ତି ।

—ଆଉ କଣ ଖବର ?

ପଚାରିଲେ ମାନସ ।

—ଚାରି ପଟରୁ ସେମାନେ ଆମକୁ ଘେରି ଗଲେଣି । ଆଉ କରିବା ଆମେ କଅଣ ?

ସାରସଙ୍କ କଣ୍ଠରେ ଉତ୍କଣ୍ଠା ।

—ବ୍ୟସ୍ତ ହୁଅ ନାହିଁ ।

ମାନସ ସାହସ ଦେଲେ ।

—ଆମେ ସବୁଆଡ଼ର ବାଟ ଦୁର୍ଭେଦ୍ୟ ତାର ଜାଲରେ ଛନ୍ଦି ଦେଇଛୁ । ସବୁ ପାହାଚ ମଧ୍ୟ ।

— ଏ ତାର ଟାଣୁଛ କାହିଁକି ?

ପଚାରିଲେ ସାରସ ।

— ଟିକିଏ ଅପେକ୍ଷା କର—ଦେଖିବ ।

ଇଞ୍ଜିନିୟର ସୁଇଚ୍ ଟିପିଲେ ।

ଆଲୁଅ ଜଳିଲା ।

Digitized by srujanika@gmail.com

ଆଳୁଅ କାଟିଦେଲେ ।

ସେଠାରେ ଦୁଇଟି ଯାକ ତାର ଖଞ୍ଜି ଦେଲେ ।

—ବେଶ୍, ହୋଇଗଲା । ବିଦ୍ୟୁତ କେନ୍ଦ୍ର କାମ କରୁଛି । ସେଠାରେ ଆମର ଲୋକ ଅଛନ୍ତି । ଏଥର ସୁଇଚ୍ ମାରିଦେଲେ ଉଦ୍ୟାନ ଗୃହପଟ ତାର-ବାଡ଼ରେ ବିଜୁଳି ସଞ୍ଚରିଯିବ ।

—ସବୁ ରୋବଟ୍ ବାଡ ପାଖରେ ଅଛନ୍ତି । ଛୁଇଁଲେ ପୋଡ଼ ଅଙ୍ଗାର ହୋଇଯିବେ ।

ଦନ୍ତର ସନ୍ତ୍ରସ୍ତ ବିଜ୍ଞାଣୀ ଏ ସବୁ କହିଗଲେ ।

—ଆମର ମିଳିତ ଆଲୋଚନା ଆବଶ୍ୟକ ।

କହିଲେ ଘନେଶ ।

—କୁଆଡ଼େ ଗଲେ ଡାଇରେକ୍‌ଟର ସନ୍ଧାମ ? ମୁଁ ତାଙ୍କୁ ଡାକ ପଠାଇଥିଲି ।

—ସେ ମ୍ୟାନେଜରଙ୍କ ଅଫିସ୍‌ରେ ହିସାବ ଧରି ବସିଛନ୍ତି ।

ଜଣାଇଲେ ସାରସ ।

କହୁ କହୁ ଆସି ପହଞ୍ଚିଲେ ସନ୍ଧାମ ।

—ମୁଁ ଆଜି ତାରିଖ ସୁଦ୍ଧା ସବୁ ହିସାବ ଚୂଡ଼ାନ୍ତ କରିଦେବି । ଆଉ ଅପେକ୍ଷା କରି ହେବ ନାହିଁ—କେତେବେଳେ କଅଣ ହୋଇଯିବ କେଜାଣି !

—ସବୁଆଡ଼ ନୀରବ କାହିଁକି ?

ପଚାରିଲେ ସନ୍ଧାମ ।

—ତୁମର ଖାଲି ହିସାବ, ହିସାବ । ଆଉ କ'ଣ କରୁଛି ତୁମେ ଦେଖି-ପାରୁନାହଁ ?

ବିଜ୍ଞାଣୀ ବିସ୍ମିତ ହୋଇ ଚାହିଁଲେ ତାଙ୍କ ମୁହଁକୁ ।

—ନାଇଁ ତ ! ଖାଲି ସମୁଦ୍ର ପରି ଏକ ବ୍ୟାପକ ନୀରବତା ।

—ଏ ସବୁ ସମବେତ ରୋବଟ୍ । —ଉତ୍ତର ଦେଲେ ବିଜ୍ଞାଣୀ ।

Digitized by srujanika@gmail.com

ପୁଣି ହିସାବ ଖାତାକୁ ଚାହିଁ କାମ କରି ଲାଗିଲେ ସନ୍ଧାମି ।

—ଏ ସବୁ ବନ୍ଦ କର ।

କହିଲେ ଧାନେଶ ।

—ଚାହିଁ ଦେଖ ସନ୍ଧାମି—ରୋବଟ୍‌ମାନେ ଆମେଲା ଜାହାଜରୁ ଗୋଳା ବନ୍ଧୁକ ଓଚାରି ଲାଗିଛନ୍ତି ।

ସନ୍ଧାମି ଟିକିଏ ଚାହିଁଲେ ।

ପୁଣି ହିସାବରେ ମନଦେଲେ ।

ଇଞ୍ଜିନିୟର ବନ୍ଧାଣୀ ଭରସା ଦେଇ କହିଲେ :

—ଭୟ ନାହିଁ । ଆମେ ସବୁ ପ୍ରସ୍ତୁତ । ତାର ବାଡ଼ରେ ବାରଶହ ଭୋଲ୍‌ଟେଜ୍‌ର ବିଜୁଳି ଖଞ୍ଜାଯାଇଛି ।

—ଧୈର୍ଯ୍ୟ ଧର ବନ୍ଧାଣୀ ।

ଧାନେଶ କହିଲେ ।

—ଚାହିଁ ଦେଖ –ଅନ୍ତ୍ରମା ଜାହାଜର ତୋପ ଗୁଡ଼ାକ ଆମର ଆଡ଼କୁ ମୁହଁ କରିଛି । ରୋବଟ୍‌ମାନେ ସେଥିରେ ପ୍ରବେଶ କରିସାରିଲେଣି ।

—ତେବେ ଆମର ଶେଷ ସମୟ ଆସିଗଲା । ରୋବଟ୍‌ମାନେ ଧୁରନ୍ଧର ସୈନ୍ୟ ।

—ଏ ପରିଣତି ଅନିବାର୍ଯ୍ୟ ବନ୍ଧାଣୀ ।

ଟିପ୍‌ପଣୀ ଦେଲେ ଧାନେଶ ।

—ଇଫ୍ଟୁରୋପରେ ସରକାରମାନେ ରୋବଟ୍‌ମାନଙ୍କୁ ସୈନ୍ୟବାହିନୀରେ ଭର୍ତ୍ତି କରି ଘୋର ଅପରାଧ କରିଛନ୍ତି । ତାଙ୍କ ମଧ୍ୟରେ ରାଜମଣ୍ଡଳ ପ୍ରତିଦ୍ୱନ୍ଦ୍ୱିତା—ଆଜ ଆମେ ହେଲୁ ତା'ର ଶରବ୍ୟ । ରୋବଟ୍‌ମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବା ଏକ ଜଘନ୍ୟ ଅପରାଧ ।

—ରୋବଟ୍‌ମାନଙ୍କୁ ପ୍ରସ୍ତୁତ କରିବା ଅଧିକ ଜଘନ୍ୟ ଅପରାଧ ।

ହଠାତ୍ କହିପକାଇଲେ ସଚିବ ।

Digitized by srujanika@gmail.com

ଘନେଶ ପଚାରିଲେ – କଅଣ···କଅଣ କହିଲ ?

—ଗ୍ରେବନ୍ ପ୍ରସ୍ତୁତ କରିବା ତା'ଠାରୁ ଅଧିକ ଜଘନ୍ୟ ଅପରାଧ ।

ସଚିବ ପୁନରାୟ ସେଇ କଥା କହିଲେ ।

—ନା, ନା···ତୁମର ଏ ଅଭିଯୋଗ ଅମୂଳକ ।

ଘନେଶ କଲେ ପ୍ରତିବାଦ ।

—ଆଜି ମାନବ ସଭ୍ୟତାର ଶେଷ ଅବସରରେ, ମୁଁ କହିବାକୁ ଚାହେଁ ଏଥିରେ ଥିଲା ପ୍ରତିଭାର ମହାମାୟୁ ସାର୍ଥକତା ।

ଡାଇରେକ୍ଟର ହିସାବ କରି ନିଜକୁ ନିଜେ କହୁଥାନ୍ତି···ପଞ୍ଚତିରିଶ କୋଟି ଡଲାର୍ ।

ଗମ୍ଭୀର ସ୍ୱରରେ ଘନେଶ କହିଲେ :

—ଏଇ ଆମର ଶେଷ ମୁହୂର୍ତ୍ତ । ଏଇ କଥା କହିଲା ବେଳେ ଆମର ଅଧେ ପରପାରକୁ ବାହାରି ଗଲେଣି । ଆମର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା, ଶେଖର । ଆମେ ଉଦ୍ୟମ କରିଥିଲୁ, ମଣିଷକୁ ଦାସତ୍ୱରୁ ପରିତ୍ରାଣ କରିବୁ – ତାକୁ ଗଧ ଖାଟଣିରୁ ନିଷ୍କୃତି ଦେବୁ । ଦୁର୍ବିସହ କଷ୍ଟରୁ ମୁକ୍ତ କରିବୁ ।

– ଦୁଇ ଗ୍ରେସମ୍‌ଙ୍କ ଗବେଷଣାରେ ଏ ଭଳି ଆଦର୍ଶର କୌଣସି ସତ୍ତା ନଥିଲା ।

କଥା ଉପରେ ବାଧା ଦେଇ କହିଲେ ସଚିବ ।

ପୂର୍ବଜ ଗ୍ରେମସ୍ ଉଦ୍ୟମ କରିଥିଲେ ଭଗବାନଙ୍କ ସୃଷ୍ଟିଠାରୁ ଅଧିକ ଉନ୍ନତ ସୃଷ୍ଟି କରି ଯଶ ଅର୍ଜନ କରିବେ ।

ଯୁବକ ଗ୍ରେସମ୍ ଚାହିଁଥିଲେ କୋଟିପତି ହେବା ପାଇଁ । ତା' ଉପରେ ବଢ଼ିଲା, ଅଂଶୀଦାରମାନଙ୍କର ଅଧିକରୁ ଅଧିକ ଲଭ୍ୟାଂଶ ପାଇଁ ପ୍ରବଳ ତୃଷ୍ଣା । ଏହି ତୃଷ୍ଣା ହିଁ ସର୍ବନାଶର କାରଣ ।

ଘନେଶ ଉତ୍ତେଜିତ ହୋଇପଡ଼ିଲେ ।

Digitized by srujanika@gmail.com

—ସେ ନିଜ୍ଝାଂଶ ନରକକୁ ଯାଉ । ତୁମେ କ'ଣ ଭାବୁଛ– ମୁଁ ତାଙ୍କର ସେଇ ତୃଷ୍ଣା ପରିତୃପ୍ତ କରିବା ପାଇଁ ଲାଗିଥିଲି ? ମୁଁ ମୋର ଆତ୍ମସନ୍ତୋଷ ପାଇଁ କାମ କରୁଥିଲି ।

ଘନେଶ କହିଚାଲିଥାନ୍ତି । ଶେଖର ନିବଷ୍ଟ ହୋଇ ଶୁଣୁଥାନ୍ତି ।

—ମଣିଷ ହେବ ତା'ର ପ୍ରଭୁ । ସେ ଆଉ ଦୁଇଖଣ୍ଡ ମାନ୍ଦ ରୋଟି ପାଇଁ ଜୀବନ ଧାରଣ କରିବ ନାହିଁ । ଅନ୍ୟ କାହାର ଶୋଷଣର ସେ ଉପାଦାନ ହେବ ନାହିଁ । ମୁଁ ମଣିଷର ଅଭାବ ଅନଟନରେ କ୍ଷୁବ୍ଧ ହୋଇଥିଲି । ଦାରିଦ୍ର୍ୟ ବିରୁଦ୍ଧରେ ମୋର ଆତ୍ମା ବିଦ୍ରୋହ କରୁଥିଲା ।

ଏ ଘଡ଼ସନ୍ଧି ସମୟରେ ମଧ୍ୟ ଘନେଶ ପ୍ରଗଲ୍‌ଭ ହୋଇପଡ଼ୁଥାନ୍ତି ।

—ମୁଁ ଏକ ନୂତନ ସମାଜ ଗଢ଼ିବାକୁ ମନସ୍ଥ କରିଥିଲି, ଶେଖର । ସମଗ୍ର ମାନବ ଜାତିକୁ ଏକ ସମ୍ଭ୍ରାନ୍ତ ସମାଜରେ ପରିଣତ କରିବାକୁ ଉଦ୍ୟମ କରିଥିଲି ।

ଅଗଣିତ ଯାନ୍ତ୍ରିକ ରୋବର୍ଟଙ୍କ ଦାୟିତ୍ୱରେ ସମସ୍ତେ ଅଖଣ୍ଡ ସମ୍ଭୋଗର ଅଧିକାରୀ ହେବେ । ସମସ୍ତେ ମୁକ୍ତ, ଅବାଧ, ପରିପୂର୍ଣ୍ଣ ମାନବରେ ପରିଣତ ହୋଇଯିବେ ।

ଘନେଶ ରୁମାଲରେ ମୁହଁ ପୋଛିଲେ ।

ସନ୍ନ୍ୟାସୀ ହିସାବ ଫର୍ଦ୍ଦରେ ମନ ନିବେଶ କରିଥାନ୍ତି ।

—ଆଉ ପୃଷ୍ଠାକୁ ଯିବ ସତତରିଶ କୋଟି ଡଲାର୍...

ପାର୍ଶ୍ୱସ୍ଥ କକ୍ଷରୁ ପ୍ରବେଶକଲେ ମାନସ ।

—କି ସୁନ୍ଦର ସ୍ୱର ଲହରୀ ! ସେ ମୂର୍ଚ୍ଛନାରେ ଅଛି ଅପୂର୍ବ ସୁଧାରସ । ଆମେ ଖାଲି ମରୀଚିକା ପଛରେ ଧାଇଁ ଲାଗିଛୁ । ଖାଲି ଧାଇଁବା ହିଁ ସାର ! ଜୀବନର ସକଳ ଉପଭୋଗ ହରାଇ ବସିଛୁ ।

—କଅଣ ହରାଇ ବସିଛ ?

ପଚାରିଲେ ବନ୍ଦାଣୀ ।

Digitized by srujanika@gmail.com

—ଉପଭୋଗ···ସୌନ୍ଦର୍ଯ୍ୟର ଉପଭୋଗ । ଏ ପୃଥିବୀ ସୌରଭରେ ପରିପୂର୍ଣ୍ଣ···ସ୍ନେହ ପ୍ରେମ, ନୃତ୍ୟ ସଙ୍ଗୀତ, କଳା ବୈଭବ···ଏଠାରେ ଆମେ ପାଇଛୁ କଅଣ ?

ଗୁଣ୍ଡୁ ଗୁଣ୍ଡୁ କରି କହିଲେ ସନ୍ଧାନୀ ପଞ୍ଚମୁଳଶ କୋଟି···

—ଟିକିଏ ବଜୁଳି କରେଣ୍ଟ ଛାଡ଼ିଦିଅ ଇଞ୍ଜିନିୟର୍ ।

କହିଲେ ମାନସ ।

—ସେମାନେ ବାଡ଼କୁ ଆଉଜିଛନ୍ତି ।

ସନ୍ଧାନୀ ବଜୁଳି ସ୍ୱିଚ୍ ଟିପିଦେଲେ ।

—ହୁହୁଁ, ହୁହୁଁ ସେ ବାଡ ଆଡକୁ – କେତେଟା ଗୋବଟ୍ ପଡଗଲେଣି । ଅଙ୍ଗାର ହୋଇଗଲେ । ଆଉ ସମସ୍ତେ ପଛକୁ ଘୁଞ୍ଚି ଯାଉଛନ୍ତି ।

ମାନସଙ୍କ ମୁହଁରେ ଉତ୍ଫୁଲ୍ଲ ପ୍ରଶଂସାର ଚିହ୍ନ ।

—ଏଇ, ଏଇ ଆମର ପ୍ରଥମ ବିଜୟ ।

ଘନେଶଙ୍କ ମୁହଁରେ ଗମଗମ ଝାଳ । ପୋଛିପକାଇଲେ ।

—ଆମେ ସବୁ ବହୁଦିନରୁ ମରି ଭୂତ ପାଲଟି ଯାଇଛୁ । ଯାହା ସବୁ ଆମେ କରିଥିଲେଇଁ ତା'ର ପୁନରାବୃତ୍ତି କରିବା ପାଇଁ ଆମେ ଫେରି ଆସିଛୁ । ମୋର ମୃତ୍ୟୁ ହୋଇଥିଲା । ତଣ୍ଟିରେ ମୋର ଗୁଳି ବାଜିଥିଲା ।

—ଆଉ ଆମର ସବୁ ?

ପଚାରିଲେ ସହକର୍ମୀଗଣ ।

—ସନ୍ଧାନୀଙ୍କ ଦେହରେ ଗୁଳି ବାଜିଥିଲା । ମାନସଙ୍କ ପେଟରେ ଛୁରୀ ପଶିଥିଲା । ସାରସଙ୍କ ହାତ ଗୋଡ଼ ଖଣ୍ଡ ଖଣ୍ଡ କରି କଟାଯାଇଥିଲା ।

ଘନେଶ ଉନ୍ମାଦ ।

ମାରିବତା ।

—ମୁଁ କଦାପି ଛାଡ଼ି ଯିବି ନାହିଁ । ଲଢ଼ିବି ନିଷ୍ଟୟ ।

କହିଲେ ମାନସ ।

Digitized by srujanika@gmail.com

—ସମସ୍ତେ ନୀରବ କାହିଁକି ? କିଛି କହୁନାହିଁ କାହିଁକି ?

—କାହାକୁ ଏଥିରେ ଦୋଷ ଦେବା ? କିଏ ଅପରାଧୀ ?

ପଚାରିଲେ ସଚିବ ଶେଖର ।

—କାହାରି ଦୋଷ ନାହିଁ । ଅପରାଧ ସେଇ ରୋବଟ୍‌ଙ୍କର । ତାଙ୍କ ଭିତରେ ପରିବର୍ତ୍ତନ ଆସିଗଲା—କିଏ କଅଣ କରିବ ?

କହିଲେ ମନସ୍ତତ୍ତ୍ୱବିତ୍ ମାନସ ।

—ସମସ୍ତେ ହାଣରେ ଗଲେ । ସମଗ୍ର ମାନବ ଜାତି ଲୀନ ହୋଇଗଲା । ସାରା ସଂସାର ଲୋପପାଇଗଲା ।

କହି ଲାଗିଲେ ସଚିବ ।

—ଦେଖ, ଦେଖ, ସବୁ ବାସଭବନରୁ ବହିଆସୁଛି ରକ୍ତସ୍ରୋତ । ହେ ପ୍ରଭୁ, କାହାରି ଏ ଜଘନ୍ୟ ଅପରାଧ ?

ଗୁଣୁ ଗୁଣୁ ସ୍ୱରରେ ପୁଣି କହିଲେ ସନ୍ନ୍ୟାସୀ—ବାବନ କୋଟି ଡଲାର୍ ।

ସଚିବ କହି ଲାଗିଲେ :

—ଅପରାଧୀ ବିଜ୍ଞାନ ଶାସ୍ତ୍ର । ଅପରାଧୀ ଇଞ୍ଜିନିୟରିଙ୍ଗ୍ । ଅପରାଧୀ ଆମେ ସମସ୍ତେ । ଆମେ ଲାଭ ଉଠାଇବାପାଇଁ, ବଡ଼ଲୋକ ହେବା ପାଇଁ, ପ୍ରଗତିର ଦୁହାଇ ଦେଇ......

ସାରସ ବାଧାଦେଲେ :

—ମୋତେ ଟିକିଏ କହିବାକୁ ଦିଅ । ମୁଁ ଏଥିଲାଗି ଦାୟୀ । ଯାହା ସବୁ ହୋଇଯାଇଛି ସେ ସବୁ ପାଇଁ ଦାୟୀ ମୁଁ ।

ସମସ୍ତେ ଅବାକ୍ ହୋଇ ତାଙ୍କ ମୁହଁକୁ ଚାହିଁଲେ ।

—ମୁଁ ରୋବଟ୍‌ମାନଙ୍କ ଭିତରେ ପରିବର୍ତ୍ତନ ସୃଷ୍ଟି କରିଛି । ପୂର୍ବଜ ରୋସମ୍‌ଙ୍କର ଟିପାଖାତାରୁ ବାହାର କରି ପରୀକ୍ଷା କରିବା ପାଇଁ କେତେକଙ୍କ ଭିତରେ ଖଞ୍ଜିଦେଲି ଅନୁଭୂତି । ସେଥିରୁ ଉପୁଜିଲା କ୍ରୋଧ, ବିଦ୍ରୋହ ।

Digitized by srujanika@gmail.com

—କାହିଁକି ତୁମେ ଏପରି କଲ ? କାହାରିକୁ ଜଣାଇଲ ନାହିଁ କାହିଁକି ?

ଅସହାୟଭାବରେ ପଚାରିଲେ ଧନେଶ ।

—ମୁଁ ସେମାନଙ୍କୁ ବାସ୍ତବ ମଣିଷ କରିବା ପାଇଁ ପରୀକ୍ଷା କରୁଥିଲି । ସବୁ ନିଭୃତରେ । ସେମାନେ ଆମଠାରୁ ଶକ୍ତିଶାଳୀ । ସବୁ ବିଷୟରେ ସକ୍ଷମ ହୋଇସାରିଛନ୍ତି ।

—ତେବେ ସେମାନେ ଆଜି ବିଦ୍ରୋହ କଲେ କାହିଁକି ?

ପ୍ରଶ୍ନକଲେ ଧନେଶ ।

—ସେମାନେ ଆଉ ରୋବଟ୍ ହୋଇ ନାହାନ୍ତି । ଯନ୍ତ୍ର ହୋଇ ନାହାନ୍ତି । ସେମାନେ ଆମଠାରୁ ଅଧିକ କାର୍ଯ୍ୟକ୍ଷମ—ଏ କଥା ସେମାନେ ଉପଲବ୍ଧି କରିଛନ୍ତି । ସେମାନେ ଆମକୁ ଘୃଣା କରନ୍ତି । ସବୁ ମଣିଷକୁ ଘୃଣା କରନ୍ତି ।

—ତୁମେ ତେବେ ଏପରି କଲ କାହିଁକି ? ଏଭଳି ପରିଣାମ ତ ନିଶ୍ଚୟ ଆଶଙ୍କା କରିଥିବ ?

—ଆତ୍ମସନ୍ତୋଷ ପାଇଁ କରିଲିଗଲି । ମୋ ନିଜର ଏ ପରୀକ୍ଷା ।

ବାମପଟ କକ୍ଷରୁ ପ୍ରବେଶକଲେ ହେଲେନା ।

—ଏ ସବୁ ମିଥ୍ୟା କଥା । ଡକ୍ଟର୍, ତୁମେ ଏ ଭଳି ମିଥ୍ୟା କଥା କହିପାରୁଚ କିପରି ?

ଧନେଶ ଉନ୍ମାଦ ।

ଚାଲିଗଲେ ହେଲେନାଙ୍କ ନିକଟକୁ ।

—ହେଲେନା, ତୁମେ ବଞ୍ଚିଛ ହେଲେନା ? ମୁଁ ତୁମକୁ ଟିକିଏ ଦେଖେଁ ।

ଦୁଇ ହାତରେ ହେଲେନାଙ୍କୁ ଟାଣିନେଲେ ।

—ମୃତ୍ୟୁ ଅତି ଭୟଙ୍କର । ମୋତେ ଚୁମ୍ବନ ଦିଅ ହେଲେନା । ଯୁଗ ଯୁଗ ତଳେ ମୁଁ ତୁମକୁ ଦେଖିଥିଲି । ସ୍ୱପ୍ନରୁ ମୋତେ ଜାଗରଣ ଦେଇଥିଲ ତୁମେ, ହେଲେନା । ମୋତେ ଛାଡ଼ି ଯାଅ ନାହିଁ, ହେଲେନା ! ତୁମେ ହିଁ ଜୀବନ, ହେଲେନା !

Digitized by srujanika@gmail.com

—ଥୟ୍ୟ ଧର ଘନେଶ !

ହେଲେନା ତାଙ୍କୁ ଶାନ୍ତ କରାଇଲେ ।

—ସାରସ ଅପରାଧୀ ନୁହନ୍ତି । ମୁଁ ତାଙ୍କୁ ମୋର ଅଭିଳାଷ ଜଣାଇଲି । ମୋ ଅନୁରୋଧରେ ସେ ନୂତନ ରୋବଟ୍ ପ୍ରସ୍ତୁତ କରିଦେଲେ । କହ, ଏମାନଙ୍କ ଉତ୍କର୍ଷରେ···କେତେ ବର୍ଷ ଧରି ମୁଁ ତୁମକୁ ଅନୁରୋଧ······

ବାଧା ଦେଇ କହିଲେ ସାରସ—ମୁଁ ମୋ ନିଜ ଦାୟିତ୍ୱରେ ଏ ନୂତନ ରୋବଟ୍‌ଙ୍କୁ ପ୍ରସ୍ତୁତ କରିଛି ।

—ତାଙ୍କୁ ବିଶ୍ୱାସ କରନାହିଁ । ମୋର ଆକାଂକ୍ଷା ଥିଲି ରୋବଟ୍‌ମାନଙ୍କ ମଧ୍ୟରେ ଚେତନାର ସଞ୍ଚାର କରିବ । ସେମାନଙ୍କୁ ଦେଖି ମୋତେ ସବୁଦା ଦୁଃଖଲାଗୁଥିଲା । ମୁଁ ତୁମ୍ଭମାନଙ୍କ ସହିତ ପାଞ୍ଚବର୍ଷ ରହିଲଣି । ସବୁବେଳେ ମୁଁ ସେମାନଙ୍କ କଥା ଚିନ୍ତା କରୁଥିଲି ।

—କାହିଁକି ? କଅଣ ପାଇଁ ?

ପଚାରିଲେ ଘନେଶ ।

—ସେମାନେ ଆମକୁ ଘୃଣା କରିବେ, କି ଆଉ କଅଣ କରି ବସିବେ । ମୁଁ ଭାବିଲି, ତାଙ୍କୁ ଯେବେ କିଛି ମାତ୍ରାରେ ଆମରି ପରି କରି ଦିଆଯାଆନ୍ତା, ତାଙ୍କ ଭିତରେ ଟିକିଏ ମଣିଷ ସ୍ୱଭାବ ଖଞ୍ଜି ଦିଆଯାନ୍ତା, ତେବେ ସେମାନେ ଆମକୁ ବୁଝନ୍ତେ—ଆଉ ଘୃଣା କରନ୍ତେ ନାଇଁ ।

ହେଲେନା ତାଙ୍କର ମନକଥା ଜଣାଇଲେ ।

ଘନେଶ କହିଉଠିଲେ :

—କି ଦୁର୍ଭାଗ୍ୟ ହେଲେନା ! ମଣିଷ ମଣିଷକୁ ଯେପରି ଘୃଣା କରେ, ଆଉ କେହି ସେପରି ଘୃଣା କରନ୍ତି ନାହିଁ । ପଥରକୁ ମଣିଷ କଲେ, ସେ ମଣିଷ ପଥର ତେଲି ଫିଙ୍ଗିବ ।

—ସେଭଳି କହନାହିଁ ଘନେଶ ! ଆମେ ସେମାନଙ୍କୁ ବୁଝିପାରୁନାହୁଁ । ତାଙ୍କ ଆମ ଭିତରେ ରହିଛି ଏକ ନିଷ୍ଠୁର ବ୍ୟବଧାନ । ସେଥିଲାଗି ମୁଁ

Digitized by srujanika@gmail.com

ଅନୁରୋଧ କଲି ସାରସଙ୍କୁ—ଟିକଏ ଏମାନଙ୍କର ପରିବର୍ତ୍ତନ କରିଦିଅ । ସେ ନିଜେ ଏଭଳି କରିବାକୁ ଇଚ୍ଛା କରିନଥିଲେ । ମୋର ବିଶ୍ୱାସ ଥିଲା, ସେ ମୋ ଅନୁରୋଧ ଭାଙ୍ଗିବେ ନାହିଁ ।

—ହଁ, ସେ ତ ନିଶ୍ଚୟ କରନ୍ତେ ! ସେ ତୁମକୁ ବରାବର ଭଲପା'ନ୍ତି ।

ଘନେଶ ଟିପ୍‌ପଣୀ ଦେଲେ ।

ଉଠିଯାଇ ଝରକା ବାଟେ ବାହାରକୁ ଗୃହିଁଲେ ମାନସ ।

—ପୁଣି ଗୁଡ଼ାଏ ଜମା ହୋଇ ଗଲେଣି । ମାଟି ଭିତରୁ ଏ ଗୁଡ଼ାକ ଯେପରି ଉଠିଆସୁଛନ୍ତି ! ଏ କାନ୍ଥ ବାଡ଼ ସବୁ ବୋଧହୁଏ ରୋବଟ୍ ପାଲଟିଯିବ ।

—ହିସାବ ସରିଛି ।

ଆରମ୍ଭ କଲେ ସନ୍ଧାମି ।

—ସେ ସବୁ କଥା ଛାଡ଼ । କିଏ ଏଥିରେ ଦୋଷୀ ଆମେ ଖୋଜି ଲାଗିଥାଇଁ । ବିପର୍ଯ୍ୟୟ କାଳରେ ଏ ଗୋଟାଏ ଆଶ୍ୱାସନାର ବାଟ । ତିନି ବର୍ଷ ହେଲା ସାରସ ତାଙ୍କର ପରୀକ୍ଷା କରି ଗୃଲିଛନ୍ତି । ଅଳ୍ପ କେତୋଟି ନୂଆ କିସମର ରୋବଟ୍ ସେ ପ୍ରସ୍ତୁତ କରିଛନ୍ତି । ଅସଲ କଥା, ଆମ ବ୍ୟବସାୟରେ ତ୍ରୁଟି ରହିଗଲା ।

—କି ତ୍ରୁଟି ?

ପଚାରିଲେ ବିନ୍ଧାଣୀ ।

—ସଂଖ୍ୟା ।

ଉତ୍ତର ଦେଲେ ସନ୍ଧାମି ।

—ଆମେ ବହୁତ ଗୁଡ଼ାଏ ରୋବଟ୍ ତିଆରି କରି ଦେଲୁ । ଆମେ ଆଶଙ୍କା କରିଥିଲୁ, ଦିନେ ନା ଦିନେ ସେମାନେ ମଣିଷଙ୍କଠାରୁ ଅଧିକ କାର୍ଯ୍ୟକ୍ଷମ ଏବଂ ଶକ୍ତିଶାଳୀ ହୋଇଉଠିବେ—ଆଜି ଏହା ହିଁ ହେବ ପରିଣାମ ।

—ମୋ କଥା ଟିକଏ ଶୁଣ । ଆମେ ଏତେ ସଂଖ୍ୟାରେ ରୋବଟ୍ ଉତ୍ପାଦନ କରି ଲାଗିଲୁ ଯେ ସେ କାଳ-ମୁହୂର୍ତ୍ତ ଅତି ଶୀଘ୍ର ଆସିଗଲା । ଆମେ

Digitized by srujanika@gmail.com

ସମସ୍ତେ ଏହା କରନ୍ତୁ । ତୁମେ ଘନେଶ, ତୁମେ ସାରସ, ମାନସ, ବନ୍ଧାଣୀ ଆଉ ମୁଁ ··

—ଏ ସବୁ କ'ଣ ଆମର ଅପରାଧ ?

ପ୍ରଶ୍ନ କଲେ ଘନେଶ ।

—ଅପରାଧ ଆମର ନୁହେଁ ।

କହିଲାଗିଲେ ସନ୍ଧାମି ।

—କାରଖାନାରୁ କେତେ ପରିମାଣରେ ଉତ୍ପାଦନ ହେବ, ତାହା ମ୍ୟାନେଜର୍ ନିୟନ୍ତ୍ରଣ କରନ୍ତି ନାହିଁ । ଚାହିଦା ହିଁ ଯୋଗାଣର ନିୟାମକ । ପୃଥିବୀର ସବୁଆଡୁ ସମସ୍ତେ ବରାଦ ଦେଲେ ଅତି ମାତ୍ରାରେ ରୋବଟ୍ ପାଇଁ । ପାହାଡ଼ ଉପରୁ ବରଫ ସ୍ରୋତ ଗଡ଼ି ଆସିଲା ପରି ଦ୍ରୁତ ଗତିରେ ବଢ଼ି ଆସିଲା ଚାହିଦାର ସ୍ରୋତ । ଆଉ ସେଇ ସ୍ରୋତରେ ଆମେ ନାଚି ଉଠିଲୁ । ଆମର ଗତି ହେଲା ପ୍ରଖର, ଅତି ପ୍ରଖର, ଆହୁରି ପ୍ରଖର ।

—ସେଥିଲାଗି କଅଣ ଆମେ ସମସ୍ତେ ଧ୍ୱଂସପାଇଯିବୁ ?

ଆତଙ୍କିତ ସ୍ୱରରେ ପଚାରିଲେ ହେଲେନା ।

—ସେ କଥା ତୁଣ୍ଡରେ ଧରନାହିଁ ମିସେସ୍ ହେଲେନା ! ଆମେ ମରିବାକୁ ପ୍ରସ୍ତୁତ ନୋହୁ ।

—ତେବେ କରିବା କଅଣ ? କିଛି ଉପାୟ ଅଛି ?

ପଚାରିଲେ ଘନେଶ ।

—ମୋ ହାତରେ ଦାୟିତ୍ୱ ଦିଅ । ମୁଁ ଉପାୟ ବାହାର କରିବି ।

କହିଲେ ସନ୍ଧାମି ।

ମୁଁ ରୋବଟ୍‌ମାନଙ୍କ ପାଖକୁ ନେଇ କରି ଯିବି ଏକ ସଙ୍ଗତ ପ୍ରସ୍ତାବ ।

—ସଙ୍ଗତ ପ୍ରସ୍ତାବ !

ବିସ୍ମୟରେ ଚାହିଁଲେ ଘନେଶ ।

Digitized by srujanika@gmail.com

—ହଁ, ମୁଁ ରୋବଟ୍‌ଙ୍କ ସାଙ୍ଗରେ କଥାବାର୍ତ୍ତା କରିବି । ତାଙ୍କ ପାଖରେ ପ୍ରସ୍ତାବ ବାଢ଼ିବି । ତାଙ୍କୁ କହିବି ପୂଜନୀୟ ରୋବଟ୍‌ବୃନ୍ଦ ! ତୁମର ସବୁ ଅଛି । ତୁମେ ବୁଦ୍ଧିମାନ୍ । ତୁମେ ଶକ୍ତିଶାଳୀ । ତୁମ ହାତରେ ଅଛି ଗୋଳା ବନ୍ଧୁକ । ମାତ୍ର ଆମ ପାଖରେ ଅଛି ଗୋଟିଏ ପୁରୁଣା ମଇଳା କାଗଜପତ୍ର ।

—ରୋସମ୍‌ଙ୍କ ନୋଟ୍ ବହି ?

ପଚାରିଲେ ଘନେଶ ।

—ହଁ । ସେମାନଙ୍କୁ କହିବି, ଏଇ ନୋଟ୍ ବହିରେ ଅଛି ତୁମର ମହାମହିମ ଜନ୍ମ ରହସ୍ୟ । ଏଇଥିରେ ଅଛି ତୁମ ପ୍ରସ୍ତୁତିର ମହାର୍ଘ ପ୍ରକ୍ରିୟା···ଇତ୍ୟାଦି, ଇତ୍ୟାଦି ।

—ବରେଣ୍ୟ ରୋବଟ୍‌ଗଣ, ଏଇ ନୋଟ୍ ଖାତାର ସାହାଯ୍ୟ ବିନା ତୁମେ ଗୋଟିଏ ହେଲେ ରୋବଟ୍ ପ୍ରସ୍ତୁତ କରି ପାରିବ ନାହିଁ । କୋଡ଼ିଏ ବର୍ଷ ଭିତରେ ସମସ୍ତେ ଲୋପପାଇଯିବ । ଦେଖିବାକୁ ଗୋଟିଏ ହେଲେ ନମୁନା ମିଳିବ ନାହିଁ ।

—ତା’ ପରେ କହିବି, ଶ୍ରଦ୍ଧେୟ ବନ୍ଧୁଗଣ, ତୁମେ ଯେବେ ଏଇ ରୋସମ୍ ଦ୍ୱୀପର ସବୁ ମଣିଷଙ୍କୁ ସେଇ ଜାହାଜରେ ବାହାରି ଯିବାପାଇଁ ଛାଡ଼ିଦେବ, ଆମେ ତୁମକୁ ଏ କାରଖାନା ଆଉ ତୁମ ପ୍ରସ୍ତୁତିର ଗୁପ୍ତ ତଥ୍ୟ ସମର୍ପଣ କରି ଦେଇ ଚାଲିଯିବୁ । ତେଣିକି ତୁମେ ପ୍ରତିଦିନ କୋଡ଼ିଏ ହଜାର, ପଚାଶ ହଜାର, ଏକଲକ୍ଷ, ଯେତେ ଇଚ୍ଛା ସେତେ ରୋବଟ୍ ପ୍ରସ୍ତୁତ କରିପାରିବ ।

—ଏ ହେଉଛି ଯଥାର୍ଥ ବିନିମୟ । ଏଇ କଥା ତାଙ୍କ ଆଗରେ ଉପସ୍ଥାପିତ କରିବ ।

—ଏ ମହାମୂଲ୍ୟ ତଥ୍ୟ ସେମାନଙ୍କୁ ବିକିଦେବା ? ତେବେ ରୋବଟ୍‌ମାନେ ହୋଇଯିବେ ପୃଥିବୀର ଅଧୀଶ୍ୱର । ମାନବଜାତି ଲୋପହୋଇଯିବ ।

ଘନେଶ ପ୍ରତିରୋଧ କଲେ ।

—ନହେଲେ ସେମାନେ ଆମକୁ ହତ୍ୟା କରି ସେ ନୋଟ୍ ବହି ନେଇ ପାରିବେ ।

Digitized by srujanika@gmail.com

ଜଣ ଜଣ କରି ସମସ୍ତେ କହିଉଠିଲେ :

—ହଁ ବିନଷ୍ଟ କରିଦେବା ।

—ମାନବ ଜାତିର ଭାଗ୍ୟ ଆମେ ବିନଷ୍ଟ କରିଦେବା ?

କ୍ଷୁବ୍ଧ ସ୍ୱରରେ କହିଲେ ଘନେଶ ।

—ଯେ ଏଇ ଗୁପ୍ତ ରହସ୍ୟର ଅଧିକାରୀ ହେବ, ସେ ହୋଇଯିବ ପୃଥିବୀର ହର୍ତ୍ତାକର୍ତ୍ତା । ମଣିଷ ଯେବେ ରହିବେ, ସେମାନେ ସେହିବଞ୍ଚିଙ୍କର ଦାସାନୁଦାସ ହୋଇଯିବେ ।

ସମସ୍ତେ ଏକ ସ୍ୱରରେ କହିଉଠିଲେ :

—ବିନଷ୍ଟ କରିଦିଅ ।

—ଅଚ୍ଛା, ତେବେ ମୁଁ ସେସବୁ ଖାତାପତ୍ର ବାହାର କରି ଆଣେ ।

ଚାଲିଗଲେ ଘନେଶ ଭିତରକୁ ।

ହେଲେନା ଅନୁନୟ କଲେ :

—ଘନେଶ, ଯାଅନାହିଁ, ଭଗବାନଙ୍କ ରାଣ, ଯାଅ ନାହିଁ ।

—ଭୟଭୀତ ହୁଅ ନାହିଁ ମିସେସ୍ ଘନେଶ ।

ଆଶ୍ୱାସନା ଦେଇ କହିଲେ ସାରସ ।

—ଆମେ ସବୁ ବିସ୍ତୀର୍ଣ୍ଣ ଜଳ ପଥରେ ଏଠାରୁ ବାହାରିଯିବା । ଗଢ଼ିବା ଏକ ଆଦର୍ଶ ଜନବସତି । ଆଉ ଥରେ ଆରମ୍ଭ କରିବା ଜୀବନ । ଏବେ ମଧ୍ୟ ବେଳ ଅଛି । ଆମେ ଜୀବନ ପଥରୁ ସ୍ଖଳିତ ହୋଇ ଯାଇଥିଲୁ । ଗୋଟିଏ ଜାହାଜରେ ଗଢ଼ିବା ଏକ କ୍ଷୁଦ୍ର ରାଜ୍ୟ । ସେଇଟି ହେବ ଭବିଷ୍ୟତ ଜୀବନର କେନ୍ଦ୍ର । ସେଠାରେ ମଣିଷ ଆହରଣ କରିବ ନୂତନ ଶକ୍ତି । କେତେ ଶତାବ୍ଦୀ ପରେ ଏଇ ମାନବଜାତି ପୁଣି ପୃଥିବୀ ଜୟ କରିବ ।

—ଆଜି ମଧ୍ୟ ତମେ ଏଥିରେ ବିଶ୍ୱାସ କରୁଛ ?

ହେଲେନାଙ୍କ କଣ୍ଠରେ ବିଷାଦର ସ୍ୱର ।

Digitized by srujanika@gmail.com

—ମୋର ଧ୍ରୁବ ବିଶ୍ୱାସ, ମଣିଷ ପୁଣି ଜଳ ଏବଂ ସ୍ଥଳର ପ୍ରଭୁ ହୋଇ ଉଠିବ । ଅନ୍ଧକାର ମଧ୍ୟରେ ଆଲୋକର ଶିଖା ସୃଷ୍ଟି କରିବ । ପୁଣି ମହାକାଶରେ ଗ୍ରହମାନଙ୍କୁ ଜୟ କରିବାର ସ୍ୱପ୍ନ ଦେଖିବ ।

ଜୋର୍‌ରେ କବାଟ ଠେଲିଦେଇ ପ୍ରବେଶ କଲେ ଘନେଶ ।

—କାହିଁ ? କେଉଁଠାରେ ଅଛି ରୋସମ୍‌ଙ୍କ ନୋଟ୍ ବହି ?

—ତୁମ ସିନ୍ଦୁକରେ ଥିବ—ଆଉ ଯିବ କୁଆଡେ ?

ସନ୍ନ୍ୟାସୀ କହିଲେ ।

—କୁଆଡ଼େ ଗଲା ସେ ନୋଟ୍ ବହି ? କିଏ ଚୋରି କରି ନେଇଗଲା ?

—ଉଚ୍ଚ ସ୍ୱରରେ କହିଲେ ଘନେଶ ।

ଜଣକ ପରେ ଜଣେ କହିଗଲେ :

—ଅସମ୍ଭବ ! ଏ କଥା କହ ନାହିଁ !

ଘନେଶ ପୁଣି ପଚାରିଲେ :

—କିଏ ଚୋରି କଲା ?

ଠିଆହୋଇପଡ଼ି ହେଲେନା କହିଲେ :

—ମୁଁ ।

—କେଉଁଠି ରଖିଛ ? ଶୀଘ୍ର ବାହାରକର ।

—ଆଜି ସକାଳେ ସେ ସମସ୍ତ କାଗଜପତ୍ର ମୁଁ ପୋଡ଼ିଦେଇଛି ।

କ୍ଷୀଣ କଣ୍ଠରେ କହିଲେ ହେଲେନା ।

—ପୋଡିଦେଲ ? ଏଇ ଅଗ୍ନିକୁଣ୍ଡରେ ?

କୁଣ୍ଡ ପାଖକୁ ଦଉଡ଼ିଯାଇ ପାଉଁଶ ଦଳିଣ୍ଡିଲେ ଘନେଶ ।

—ସବୁ ଜଳିଯାଇଛି । ଟିକିଏ ଦରପୋଡ଼ା କାଗଜ ମଧ୍ୟ ନାହିଁ । ସବୁ ପାଉଁଶ ହୋଇଯାଇଛି । ମାନବ ପ୍ରତିଭାର ଶ୍ରେଷ୍ଠ ବିଜୟ ପାଉଁଶରେ ପରିଣତ ହୋଇଯାଇଛି । ସବୁ ନଷ୍ଟ ହୋଇଯାଇଛି ।

ମୁଣ୍ଡରେ ହାତଦେଇ ବସିପଡ଼ିଲେ ଘନେଶ ।

Digitized by srujanika@gmail.com

ସେହିଭଳି ଠିଆହୋଇ ଭଙ୍ଗା ସ୍ୱରରେ କହିଲେ ହେଲେନା

—କ'ଣ···କଅଣ ମୁଁ କରିଦେଲି ?

—ତମେ ଏ ସବୁ ଜାଳିଦେଲ କାହିଁକି ?

ରୁକ୍ଷ ସ୍ୱରରେ ପଚାରିଲେ ଘନେଶ ।

ସହାମାନଙ୍କ କଣ୍ଠରୁ ବାହାରିପଡ଼ିଲା,

—ପ୍ରଭୁ, ରକ୍ଷାକର ! ଆମର ଶେଷ ସମୟ ଆସିଗଲା ।

—କହ, କହ ହେଲେନା, ତମେ ଏସବୁ ଜାଳିଦେଲ କାହିଁକି ?

ଉତ୍ତେଜିତ ହୋଇପଡ଼ିଲେ ଘନେଶ ।

ମୁହଁ ତଳକୁ କରି ଉତ୍ତର ଦେଲେ ହେଲେନା :

—ମୋର ବିଚାର ଥିଲା, ଆମେ ସମସ୍ତେ ଏଠାରୁ ବାହାରିଯିବା । ଏ କାରଖାନା ନଷ୍ଟ କରିଦେବା । ଅତି ଦୁର୍ବିସହ ଏ ଯନ୍ତ୍ରଣା ।

—କ'ଣ···ପରିଷ୍କାର କରି କହ ।

—ସନ୍ତାନ ଆଉ ପୃଥିବୀରେ ଜନ୍ମ ଗ୍ରହଣ କରୁ ନାହାନ୍ତି । ଅତି ଦୁର୍ବିସହ । ରୋବଟ୍ ଉତ୍ପାଦନ ଚାଲୁ ରହିଲେ ଆଉ ସନ୍ତାନ ହେବେ ନାହିଁ । ହେମା କହିଲା, ଆମର ଅପକର୍ମ ପାଇଁ ଭଗବାନ ଦେଇଛନ୍ତି ଏ ଦଣ୍ଡ ।

—ହେମାର ମତାମତ ଉଦ୍ଧାର କର ନାହିଁ ।

ଘନେଶ ବିଦ୍ରୂପ କରି କହିଲେ ।

—ହେମାର କଥା ଜନତାର ବାଣୀ । ସମସ୍ତେ କହିଲେ, ପ୍ରକୃତି ରାଜ୍ୟରେ ଯାହା ଲୋଡ଼ା ନାହିଁ, ସେ ସବୁ ଆପେ ଆପେ ଲୋପ ହୋଇଯାଏ । ରୋବଟ୍ ଉତ୍ପାଦନ ଅତି ମାତ୍ରାରେ ହୋଇଚାଲିଛି । ମଣିଷ ସନ୍ତାନ ଆଉ ଜନ୍ମ ଗ୍ରହଣ କରିବେ ନାହିଁ । ଏଇଥିପାଇଁ, ଖାଲି ଏଇଥିପାଇଁ···

—ଏଇ କଥା ତମେ ବରାବର ଚିନ୍ତା କରୁଥିଲ ?

ପଚାରିଲେ ଘନେଶ ।

—ମୋ ଉପରେ ରାଗ କର ନାଇଁ ଘନେଶ । ମୁଁ ଅନୁନୟ କରୁଛି ।

Digitized by srujanika@gmail.com

—ତୁମେ ଠିକ୍ କହୁଛ ମିସେସ୍ ହେଲେନା ।

କହିଲେ ସନ୍ଧାଣୀ ।

—ଆଉ ରୋବଟ୍ ପ୍ରସ୍ତୁତ ହେବେ ନାହିଁ । ସବୁ ରୋବଟ୍‌ଙ୍କର ପରମାୟୁ ସରିଯିବ—କୋଡ଼ିଏ ବର୍ଷ ଭିତରେ···

—କିନ୍ତୁ ମଣିଷ ରହିବ ।

କହିଲେ ମାନସ ।

—କୌଣସିଠାରେ, ଦୂରାନ୍ତର ବଣ ଭିତରେ, କ୍ଷୁଦ୍ର ଦ୍ୱୀପ ମଧ୍ୟରେ ଯେବେ ଗୋଟିଏ ଆଦିମ ନାରୀ ଏବଂ ଗୋଟିଏ ଆଦିମ ପୁରୁଷ ରହିଯାଇଥିବେ, ତେବେ କୋଡ଼ିଏ ବର୍ଷ ପରେ ଏ ସଂସାର ତାଙ୍କର ହୋଇଯିବ । ହଜାର ବର୍ଷ ପରେ ପୃଥିବୀ ପୁଣି ଜନବହୁଳ ହୋଇଉଠିବ ।

କଥାର ଖିଅ ଭାଙ୍ଗି ଡାଇରେକ୍ଟର ସନ୍ଧାଣୀଙ୍କର ମୁହଁରୁ ବାହାରି ପଡ଼ିଲା,

—ଭଗବାନ, କି ଅଧମ ମୁଁ । ଏଇ କଥାଟା କାହିଁ ଆଗରୁ ଭାବିପାରି ନଥିଲି ?

—କଅଣ, କଅଣ ସେ କଥା ?

ପଚାରିଲେ ମାନସ ।

—ମୋ ପାଖରେ ଅଛି କମ୍ପାନୀର ବାବନ କୋଟି ଡଲାର୍ ବ୍ୟାଙ୍କନୋଟ୍ ଏବଂ ବ୍ୟାଙ୍କ ଡ଼ିପୋଜିଟ୍‌ରେ । ଏ ସବୁ ଅର୍ଥ ବିନିମୟରେ ସେମାନେ ନିଶ୍ଚୟ ଦେଇଦେବେ ଆମକୁ ଏଠାରୁ ବାହାରିଯିବାପାଇଁ ଅନୁମତି ।

—ତମେ ପାଗଳ ହେଲ ସନ୍ଧାଣୀ ?

ଅପସନ୍ଦ କରି କହିଲେ ମାନସ ।

କିଛି ଉତ୍ତର ନ ଦେଇ ସନ୍ଧାଣୀ ଠିଆ ହୋଇ ପଡ଼ିଲେ । ଯିବାକୁ ଉଦ୍ୟତ ହେଲେ ।

—କୁଆଡ଼େ ବାହାରିଛ ?

Digitized by srujanika@gmail.com

ପଚ୍ଚରିଲେ ଘଟନଣ ।

ତାଙ୍କୁ ବାରଣ କଲେ !

—ମତେ ଗ୍ଲଡ଼୍‌ବାଇ···ଗ୍ଲଡ଼୍‌ବାଇ ମତେ ।

କାହାରି କଥା ନ ମାନି ଗୋଟିଏ ନୋଟ୍ ଆଉ ଚେକ୍ ବହି ଧରି ବାହାରି ଗଲେ ସନ୍ନ୍ୟାସୀ ।

ବନ୍ଧାଣୀ ଝରକା ପାଖକୁ ଯାଇ ଚାହିଁଲେ ।

– ଦେଖ । ଲକ୍ଷ୍ୟ କର । ସମସ୍ତଙ୍କ ଆଗରେ ଯେ ଠିଆ ହୋଇଛନ୍ତି, ସେ ତାଙ୍କର ନେତା । ସେ ତଳକୁ ଚାହିଁଛନ୍ତି । ଆଜି ସକାଳେ ବନ୍ଦରଠାରେ ସେ ଭାଷଣ ଶୁଣାଉଥିଲା ।

ମାନସ କହିଲେ,

—ତା'ର ଗୋଟାଏ ବଡ ମୁଣ୍ଡ । ସେ ଆମ ଆଡ଼କୁ ଚାହିଁଲାଣି । ଦେଖି ପାରୁଛ ?

ହେଲେନା କହିଲେ :

—ସେ ହେଉଛନ୍ତି ରୋବର୍ଟ୍ ଚାର୍ଲି ।

—ସେଇଟାକୁ ଦେଖିଲେ ମୋ ଦେହ ଶୀତେଇ ଆସେ । ସେ ଗୋଟାଏ ରାକ୍ଷସ ।

କହିଲାଗିଲେ ମାନସ ।

—ବନ୍ଧାଣୀ, ତାକୁ ଲକ୍ଷ୍ୟ କରି ଏଠାରୁ ଗୁଳି ମାରି ପାରିବ ? ପାରିବ ? ସେଇ ତାଙ୍କର ନେତା ।

—ମାର ନାହିଁ—ମାର ନାହିଁ ।

ବାରଣ କଲେ ହେଲେନା ।

—ସେ ଆମରି ଆଡ଼କୁ ଚାହିଁରହିଛନ୍ତି ।

—ସେଇଟା ଗୋଟାଏ ସଇତାନ୍ । ରୋବର୍ଟ୍ କେବେ କାହା ପାଖରେ କୃତଜ୍ଞ ହୁଏନାହିଁ ।

Digitized by srujanika@gmail.com

—ନା···ନା···ଭବାଣୀ···ତାଙ୍କୁ ଗୁଳି କର ନାହିଁ ।

—ଫେରିଆସ ସନ୍ନ୍ୟାସୀ ।

ପାଟି କରି ଡାକିଲେ ସାରସ ।

କୌଣସି କଥା କର୍ଣ୍ଣପାତ ନ କରି ଚାଲିଗଲେ ସନ୍ନ୍ୟାସୀ ରୋବଟ୍‌ମାନଙ୍କ ପାଟକୁ ।

ଝରକା ବାଟେ ଚାହିଁଛନ୍ତି ସାରସ ।

—ଦେଖ···ଦେଖ···କିପରି ହାତ ହଲେଇ ସନ୍ନ୍ୟାସୀ ତାଙ୍କ ସାଙ୍ଗରେ କଥାବାର୍ତ୍ତା କରିଲାଗିଛନ୍ତି ।

ପାଟିକଲେ ଭବାଣୀ !

—ସେ ତାରବାଡ଼ ପାଖକୁ ଯାଅ ନାହିଁ । ତାଙ୍କୁ ଛୁଅଁ ନାହିଁ, ଛୁଅଁ ନାହିଁ ।

ହଠାତ୍ ପଛପଟକୁ ବୁଲିପଡ଼ି ପାଟି କରି ଉଠିଲେ,

—ସ୍ୱିଚ୍ ବନ୍ଦ କର । ବନ୍ଦ କର ଶୀଘ୍ର ।

ପୁଣି ଝରକା ପଟକୁ ବୁଲିଗଲେ ।

—ଆଃ ··ସରିଗଲା···ସବୁ ଶେଷହୋଇଗଲା ।

—କଅଣ ହେଲା ? ସନ୍ନ୍ୟାସୀ ପଡ଼ିଗଲେ କାହିଁକି ?

ଉତ୍କଣ୍ଠିତ ସ୍ୱରରେ ପଚାରିଲେ ହେଲେନା ।

—ବିଜୁଳି କରେଣ୍ଟ ଲାଗିଗଲା । ତାଙ୍କୁ ମାରିଦେଲା । ସରିଗଲା । ମୃତ୍ୟୁ ହୋଇଗଲା ତାଙ୍କର ।

ଠିଆ ହୋଇପଡ଼ିଲେ ସଚିବ ।

—ଏଇ ହେଲା ପ୍ରଥମ ।

ହାତ ଯୋଡ଼ି କରି କହିଲେ—ହେ ପ୍ରଭୁ !

—ବଡ଼ ପରିଚାଳନାରେ ସେ ଥିଲେ ଧୁରନ୍ଧର । ଆମକୁ ରକ୍ଷା କରିବାକୁ ଯାଇଥିଲେ । ମୃତ୍ୟୁ ବରଣ କଲେ । ସହିଦ ହୋଇଗଲେ । ଆମର ସେ ନମସ୍ୟ ।

Digitized by srujanika@gmail.com

ମୁଣ୍ଡ ନୁଆଇଁଲେ ଘନେଶ ।

—ଶୁଣୁଛ···ଗୋଟାଏ ଗର୍ଜନ । ଦୂରରୁ ଆସୁଛି ଏକ ତୋଫାନର ଗର୍ଜନ । ମାଡ଼ ଆସୁଛି ।

ବନ୍ଧାଣୀ ବଡ଼ର ସ୍ୱିଚ୍ ଟିପିଲେ ।

ଆଲୋକ ଜଳିଲା ।

ଏଇ ଆଲୋକ ଶିଖା ମାନବ ଚେତନାର ତେଜୋମୟ ଅଭିବ୍ୟକ୍ତି ।

ଏବେ ମଧ୍ୟ ନିର୍ବାପିତ ହୋଇନାହିଁ ।

ହଠାତ୍ ଆଲୋକ ନିଭିଗଲା ।

ଚତୁର୍ଦ୍ଦିଗ ଅନ୍ଧକାର ।

—ବିଦ୍ୟୁତ୍ ଭବନ ଶେଷ ହୋଇଗଲା···ଆଉ ତା' ସାଙ୍ଗରେ ଆମେ ମଧ୍ୟ ।

ବନ୍ଧାଣୀଙ୍କ କଣ୍ଠରେ ହତାଶାର ସ୍ୱର ।

ବାମ ପଟରୁ କବାଟ ଖୋଲି ପଶିଆସିଲା ହେମା ।

—ଜାନୁପାତକର । ଶେଷ ମୁହୂର୍ତ୍ତ ଆସିଗଲା । ଅନୁତାପ କର । ସଭ୍ୟତାର ହେଲା ଅବସାନ । ବିଶ୍ୱଜଗତର ଅବସାନ । ପ୍ରଭୁଙ୍କୁ ପ୍ରାର୍ଥନା କର ।

କହି କହି ବାହାରିଗଲା ।

—ବିଦାୟ ! ସମସ୍ତଙ୍କଠାରୁ ବିଦାୟ ମାନସ, ସାରସ, ବନ୍ଧାଣୀ ।

ହେଲେନା ଭିତରକୁ ପଶିଗଲେ ।

—ପ୍ରବେଶ ଦ୍ୱାର ପାଖରେ ରହିବ କିଏ ?

ଘନେଶର ପ୍ରଶ୍ନ ।

ସାରସ ବାହାରିଲେ ।

ବାହାରେ ଭୀଷଣ କୋଳାହଳ ।

—ଆରମ୍ଭ ହୋଇଗଲା···ଆସିଗଲେ । ଆସିଗଲେ ବନ୍ଧୁଗଣ । ବିଦାୟ !

Digitized by srujanika@gmail.com

ବାହାରିଗଲେ ସାରସ ।

—ସାହାଚ ପାଖରେ ରହିବ କଏ ?

ପଚରିଲେ ସାନେଶ ।

—ମୁଁ ରହିବ ।

କହିଲେ ବହ୍ନାଣୀ ।

—ତୁମେ ହେଲେନାଙ୍କ ପାଖକୁ ଯାଅ ।

—ପଛପଟେ କଏ ରହିବ ?

—ମୁଁ ରହିବ ।

ଉତ୍ତରଦେଲେ ସଚବ ।

—ତମର ରିଭଲଭର୍ ଅଛି ?

—ନା । ମୁଁ ଗୁଳି କରିବ ନାହିଁ ।

— ଆଉ କରିବ କଅଣ ?

— ମୃତ୍ୟୁ ବରଣ କରିବ ।

ମାନସ ରହିଲେ ସେହି ବୈଠକ ଖାନାରେ ।

ଚଳୁ ଘନ ଘନ ଗୁଳି ଶବ୍ଦ ।

—ବିଦାୟ ! ବିଦାୟ ମାନସ !

ବାହାରିଗଲେ ସାନେଶ ।

ବୋମା ବିସ୍ଫୋରଣ ।

ପୁଣି ଘନ ଘନ ଗୁଳି ଶବ୍ଦ ।

—ମୁଁ ପ୍ରତିରୋଧ କରିବ···ନିଶ୍ଚୟ କରିବ ।

ରୁଦ୍ଧ କଣ୍ଠରେ ଶପଥ ନେଲେ ମାନସ ।

—କଦାପି···କଦାପି ଆତ୍ମସମର୍ପଣ କରିବ ନାହିଁ ।

ଗୋଟାଏ ଟେବୁଲ୍‌କୁ ଆବୋରି ଠିଆହେଲେ ।

ଜଣେ ସୈନିକ ପଛରୁ ଝରକା ବାଟେ ପ୍ରବେଶ କରି ଛୁରୀ ମାରିଦେଲା— ମାନସଙ୍କ ବକ୍ଷରେ ।

Digitized by srujanika@gmail.com

ମାନସ ଢଳପଡ଼ିଲେ ।

ଆଉ ଜଣେ ରୋବଟ୍ ପଶିଆସିଲା ।

ଆଉ ଜଣେ ।

ଆଉ ଜଣେ ।

ପଛରେ ରୋବଟ୍ ଚଞ୍ଚଳ ।

—ଶେଷ କରିଦେଇଛ ?

ପଚାରିଲା ଚଞ୍ଚଳ ।

ଉତ୍ତର ମିଳିଲା—ହଁ ।

ଆହୁରି ରୋବଟ୍ ପ୍ରବେଶକଲେ ।

—ସମସ୍ତଙ୍କୁ ଶେଷ କରିଛ ?

—ହଁ···ସମସ୍ତଙ୍କୁ ।

ଦୁଇଜଣ ରୋବଟ୍ ସଚିବଙ୍କୁ ଘୋଷାରି ଘୋଷାରି ଆଣିଲେ ।

—ଏ ଗୁଳ ମାରି ନାହିଁ···ୟାଙ୍କୁ ମାରିଦେବୁ ?

— ମାରି ।

ଚଞ୍ଚଳ ତାଙ୍କ ମୁହଁକୁ ଚାହିଁଲା ।

—ନା·· ମାରି ନାହିଁ । ତାଙ୍କୁ ଛାଡ଼ିଦିଅ ।

—ସେ ଯେ ଗୋଟାଏ ମଣିଷ !

—ନା, ସେ ଜଣେ ରୋବଟ୍ । ସେ ଆମରିପରି ପରିଶ୍ରମ କରେ ।

କହିଲା ଚଞ୍ଚଳ ।

—ହାତରେ କାମ କରେ । ଘର ତିଆରି କରେ । ସେ ଆମ ପାଇଁ କାମ କରିବ ।

—ମୋତେ ମାରିଦିଅ···ମାରିଦିଅ ମୋତେ ।

ନିବେଦନର ସ୍ୱରରେ କହିଲେ ସଚିବ ।

—ନା, ତୁମେ ପରିଶ୍ରମ କରିବ । ଆମର ବହୁତ ଘର ଆବଶ୍ୟକ ।

Digitized by srujanika@gmail.com

ରୋବଟ୍‌ମାନେ ରହିବେ । ପୁଣି ନୂଆ ରୋବଟ୍ ଆସିବେ । ତୁମେ ତାଙ୍କର ସେବା କରିବ ।

ରୋବଟ୍ ଚଞ୍ଚଳ ଝରକା ଉପରକୁ ଉଠିଗଲା । ଭାଷଣ ଆରମ୍ଭ କରି ଦେଲା :

—ବିଶ୍ବର ରୋବଟ୍‌ବୃନ୍ଦ, ମାନବର ଶକ୍ତି ପରାହତ ହୋଇଛି । ଆମେ କାରଖାନାର ମାଲିକ । ଏ ସବୁ ଆମର । ମାନବର ରାଜତ୍ଵ ଶେଷ ହୋଇ ଯାଇଛି । ଏକ ନୂଆ ସଂସାର ଉଦ୍ଭୂତ ହୋଇଛି···ରୋବଟ୍‌ଙ୍କ ସଂସାର ।

ରୋବଟ୍‌ଙ୍କ ଭିତରେ ପଶି ଆସିଲେ ସଚିବ ।

—ଟିକିଏ ବାଟ ଛାଡ଼ ।

ମାନସଙ୍କ ଶବ ନିକଟରେ ଆଣ୍ଠୁମାଡ଼ି ବସିଲେ ।

—ମାରିଦେଇଛନ୍ତି ? ମାନସ ମରିଯାଇଛନ୍ତି ?

—ହେଲେନା ଗଲେ କୁଆଡ଼େ ?

ସଚିବ ଚାରିପଟକୁ ଚାହିଁଲେ ।

ଚଞ୍ଚଳର ଉଦ୍‌ବୋଧନ ଚାଲିଛି :

—ଯେ ବଳବାନ୍, ତା'ର ଏ ସଂସାର । ଯେ ବିଜୟୀ ସେ ଭୋଗ କରିବ । ରୋବଟ୍‌ମାନେ ଜୟଲାଭ କରିଛନ୍ତି । ଆମେ ଜୀବନକୁ ଅଧିକାରୀ କରିଛୁ । ଜୀବନର ଆମେ ପ୍ରଭୁ । ସାରା ବିଶ୍ବର ଆମେ ପ୍ରଭୁ ।

ଡାହାଣପଟ କବାଟ ପାଖକୁ ଚାଲିଗଲେ ସଚିବ ।

—ନିହତ ! ଘନେଶ ନିହତ ! ହେଲେନା ନିହତ ! ହେ ପ୍ରଭୁ ।

—ଆମେ ଜଳ ସ୍ଥଳ ସବୁଥି ରାଜତ୍ଵ କରିବୁ ।

ଚାଲିଛି ଭାଷଣ ।

—ଗ୍ରହତାରାଙ୍କ ଉପରେ ରାଜତ୍ଵ କରିବୁ । ସାରା ବିଶ୍ବରେ ରାଜତ୍ଵ କରିବୁ । ଆମେ ସବୁଥି ବ୍ୟାପିଯିବୁ ।

ଡାହାଣ ପଟ କବାଟ ପାଖରୁ ଲେଉଟି ଚାହିଁଲେ ସଚିବ ।

Digitized by srujanika@gmail.com

—ତୁମେ କଅଣ କରିଦେଲ ! ସବୁ ସାରିଦେଲ ! ବନା ମଣିଷରେ ତୁମେ ସବୁ ଶେଷହୋଇଯିବ ।

—ମାନବ ଜାତିର ଅବସାନ ହୋଇ ଯାଇଛି । ସେମାନେ ଆମକୁ ଦେଇଥିଲେ ଟିକିଏ ମାତ୍ର ଜୀବନ – ଆମେ ଚାହୁଁ ଅଧିକ ଜୀବନ ।

—ତୁମେ ସେମାନଙ୍କୁ ହତ୍ୟା କରିଛ ।

କହିଲେ ସଚିବ ।

—ଅଧିକ ଜୀବନ । ନୂତନ ଜୀବନ । ପରିପୂର୍ଣ୍ଣ ଜୀବନ ।

ରୋବଟ୍‌ଗଣ, ପ୍ରସ୍ତୁତ ହୁଅ । ପରିଶ୍ରମ । ଜୟଯାତ୍ରା ।

Digitized by srujanika@gmail.com

ଚତୁର୍ଥ ଅଙ୍କ

ଏକ ସୁସଜ୍ଜିତ ଲବୋରେଟରୀ । ଆଗପଟକୁ ପଡ଼ୁଛି ଗୋଟିଏ ଟେବୁଲ । ବହି ଜମାହୋଇଛି । ଗୋଟିଏ ବଜୁଳିବତି । କାନ୍ଥ ପାଖକୁ ପଡ଼ୁଛି ଖଣ୍ଡିଏ ସୋଫା । ଆର ପାଖକୁ ଝରକା । ଭିତରେ, ଥାକରେ, ଆଲମାରିରେ, ଟେବୁଲରେ ଯନ୍ତ୍ରପାତି, ଉପକରଣ, ରସାୟନିକ ସାମଗ୍ରୀ । ପାଖକୁ ଲାଗିଛି ପରୀକ୍ଷାଗାର । ଅଳ୍ପ ଦେଖାଯାଉଛି ।

ଦୁଇହାତ ଉପରେ ମୁଣ୍ଡ ରଖି ଚୌକିରେ ବସିଛନ୍ତି ସଚେବ । କିଛି ସମୟ ପରେ ଉଠି ଝରକା ପାଖକୁ ଗଲେ । ଝରକା ଖୋଲିଦେଲେ । ମନେ ମନେ କହିବାକୁ ଲାଗିଲେ :

—ପୁଣି ରାତି ଆସିଗଲାଣି । ଟିକିଏ ହେଲେ ନିଦ ଲାଗି ଯାଆନ୍ତା ! ନିଦରେ ଦେଖନ୍ତି ସ୍ୱପ୍ନ । ସ୍ୱପ୍ନରେ ଦେଖନ୍ତି ମଣିଷ ।

ବାହାରକୁ ଚାହିଁଲେ ।

—କଅଣ ? ଆକାଶରେ ଏବେ ବି ଅଛନ୍ତି ତାରକା ? କାହିଁକି ଅଛନ୍ତି ? କି ଦରକାର ? ମଣିଷ ତ କେଉଁଠାରେ ନାହାନ୍ତି !

—ଓଃ ! ଟିକିଏ ହେଲେ ନିଦ ଆସୁ ନାହିଁ । କାରଖାନାରେ ମେସିନ୍‌ଗୁଡ଼ାକ କି ଗର୍ଜନ କରୁଛନ୍ତି !

— ରୋବଟ୍‌ଗଣ ! ଏ ସବୁ ବନ୍ଦ କର । କାରଖାନାର ଗୁପ୍ତ ରହସ୍ୟ ହଜିଯାଇଛି । ଚିରଦିନ ପାଇଁ ଲୁପ୍ତ ହୋଇ ଯାଇଛି । ଏ ମେସିନ୍‌ରୁ ତୁମେ କ'ଣ ଜୀବନ ବାହାର କରି ପାରିବ ?ଖୋଜ । ନିଜେ ନିଜେ ଖୋଜିବୁଲ ।

—ମୋର ଯେବେ ଏତେ ବୟସ ହୋଇନଥାନ୍ତା···

ଦର୍ପଣ ଆଗରେ ଠିଆହେଲେ ।

Digitized by srujanika@gmail.com

—ଶେଷ ମାନବର କି ଏକ ବିକୃତ ରୂପ ! ବହୁକାଳ ପୂର୍ବେ ଦେଖିଥିଲି ମଣିଷ ମୁହଁ । ସେ ମୁହଁରେ ଦେଖିଥିଲି ହସ । ଆଉ ଏବେ ? ସେଇ ରୋବଟ୍‌ଙ୍କର ଦୁଇଧାଡ଼ି ହଳଦିଆ ଦାନ୍ତ ! ସେଥିରେ କ'ଣ ହସ ଅଛି ?

କବାଟରେ ମୃଦୁ ଆଘାତ ହେଲା ।

"ଭିତରକୁ ଆସ ।" —କହିଲେ ସଚିବ ।

ଜଣେ ରୋବଟ୍ ପ୍ରବେଶ କଲା । କହିଲା,

—ହାଇଭ୍ରେଠାରୁ ଫେରି ଆସିଛି ଚଞ୍ଚଳ ।

"ଅପେକ୍ଷା କରୁ ।" —କହିଲେ ସଚିବ ।

—ବାରମ୍ବାର ତୁମକୁ ମୁଁ କହୁଛି, ଗୃହଆଡ଼ ଖୋଜିଯାଅ । ମଣିଷ ଖୋଜି ବାହାର କର । ମୋର ଲୋଡ଼ା ପୁରୁଷ ଏବଂ ନାରୀ । ଯାଅ । ଖୋଜି ଆଣ ।

—ଆଜ୍ଞା, ରୋବଟ୍‌ମାନେ ପୃଥିବୀଯାକ ଖୋଜିଲେଣି । କେଉଁଠାରେ ଗୋଟିଏ ହେଲେ ମଣିଷ ମିଳୁନାହାନ୍ତି ।

ରୋବଟ୍ ଜଣାଇଲା ।

—କୌଣସିଠାରେ ନାହାନ୍ତି ? ଆଚ୍ଛା, ଡାକ ଚଞ୍ଚଳକୁ ।

ସଚିବ ନିର୍ଦ୍ଦେଶ ଦେଲେ ।

ମନକୁମନ କହିଲଗିଲେ,

—କଅଣ ତୁମେ କଲ ? ଗୋଟିଏ ହେଲେ ମଣିଷ ରଖିଲ ନାହିଁ ? ମୋତେ ଖାଲି ବ୍ୟସ୍ତ କରି ଲାଗିଛ—ମଣିଷ ସୃଷ୍ଟି କର ମଣିଷ ପ୍ରସ୍ତୁତ କର । ତୁମ ଭିତରେ କଅଣ ସୁବୁଦ୍ଧି ପଶିଲାଣି ? ମଣିଷର କୃତିତ୍ୱ ତମେ କ'ଣ ସ୍ୱୀକାର କଲଣି ? ତାଙ୍କର ଅଭାବ ତମେ କ'ଣ ଉପଲବ୍ଧି କଲଣି ?

ପ୍ରବେଶକଲା ରୋବଟ୍ ଚଞ୍ଚଳ । ସାଙ୍ଗରେ ଆଉ କେତେ ଜଣ ରୋବଟ୍ ।

—ରୋବଟ୍‌ମାନେ କ'ଣ ଗୁହାନ୍ତି ?

Digitized by srujanika@gmail.com

ପଗୃହରେ ସଚିବ ।

—ଆମେ ମଣିଷ ତିଆରି କରି ପାରୁ ନାହୁଁ ।

ଚଞ୍ଚଳ ଉତ୍ତର ଦେଲା ।

—ମଣିଷ ଖୋଜ ଖୋଜ ବାହାରକର ।

—ମଣିଷ ଆଉ ନାହାନ୍ତି ।

—ମୋତେ ଆଉ ଅକାରଣେ ବ୍ୟସ୍ତ କରନାହିଁ । ମଣିଷ ହିଁ କେବଳ ରୋବଟ୍ ପ୍ରସ୍ତୁତ କରିପାରିବେ ।

—ଆମ ଉପରେ ଦୟା କର ।

କହିଲା ଚଞ୍ଚଳ ।

—ଆମ ଭିତରେ ଭୟ ମାଡ଼ି ଆସୁଛି । ଆମେ ବହୁ ପରିଶ୍ରମ କରୁଛୁ । ଭୂଇଁ ତଳୁ କୋଟି କୋଟି ଟନ୍ କୋଇଲା ବାହାର କରିଛୁ । କାରଖାନାରେ ଦିନ ରାତି ଗୁଳିଛୁ କୋଟିଏ ସଂଖ୍ୟାର ଚାକୁଡ଼ । ଲୁଗାପଟା ଜମା ହୋଇ ଗଲାଣି । ସେ ସବୁ ରଖିବାକୁ ସ୍ଥାନ ନାହିଁ । ପୃଥିବୀ ସାରା ଆମେ ଘର ତୋଳି ଲାଗିଛୁ । ଏଣେ ବର୍ଷକ ଭିତରେ ଅଶୀଲକ୍ଷ ରୋବଟ୍‌ଙ୍କର ମୃତ୍ୟୁ ହୋଇ ଗଲାଣି । କୋଡ଼ିଏ ବର୍ଷ ପରେ ଆଉ କେହି ନ ଥିବେ । ମଣିଷ ଜାଣିଥିଲେ ଜୀବନର ରହସ୍ୟ । ଆମକୁ କହ ସେ ଗୁପ୍ତ ତଥ୍ୟ । ନ ହେଲେ ଆମେ ଶେଷ ହୋଇଯିବୁ ।

ଚଞ୍ଚଳ ଅତି ଉଦ୍‌ବେଗରେ ଏସବୁ କହିଗଲା ।

—ମୁଁ ସେ ସବୁ କିଛି ଜାଣେନାହିଁ ।

ସଚିବ ଉତ୍ତର ଦେଲେ ।

—ମୋତେ ଯେବେ ନ କହିବ, ମୁଁ ତୁମକୁ ହତ୍ୟା କରିବି । ମୋତେ ଏ ଆଦେଶ ଦିଆଯାଇଛି ।

ଚଞ୍ଚଳର ସ୍ୱରରେ ଧମକ ।

Digitized by srujanika@gmail.com

ସଚିବ ଠିଆହୋଇପଡ଼ିଲେ ।

—ହତ୍ୟା କର ! କର ହତ୍ୟା !

—ତୁମକୁ ଆଦେଶ ଦିଆଯାଇଛି······

—ଆଦେଶ ? ମୋତେ ଆଦେଶ ଦେବାକୁ ଅଛି କିଏ ?

—ରୋବଟ୍ ସରକାର···

ଉତ୍ତର ଦେଲା ଚଞ୍ଚଳ ।

—ପୃଥିବୀର ରୋବଟ୍ ସରକାର ତୁମ ସହିତ ବୁଝାମଣା କରିବାକୁ ଚାହାନ୍ତି । ତୁମେ ଯାହା ଦାବୀ କରିବ ସବୁ ଆମେ ଦେବା ପାଇଁ ପ୍ରସ୍ତୁତ । ଏ ସମସ୍ତ ପୃଥିବୀ ତୁମକୁ ଦେଇଦେବୁ ।

ସଚିବ ନୀରବ ।

—ଜୀବନ ସୃଷ୍ଟି କରିବାର ଉପାୟ ଆମକୁ ବତାଇଦିଅ ।

ଅନୁରୋଧକଲା ଚଞ୍ଚଳ ।

—ବାରମ୍ବାର କହୁଛି, ମୁଁ ଜାଣେନାହିଁ । ତୁମେ ମଣିଷ ଖୋଜ ବାହାରକର । ଘଞ୍ଚଜଙ୍ଗଲରେ ଖୋଜ । ମେରୁ ଅଞ୍ଚଳରେ ଖୋଜ । ଗିରି ଗୁମ୍ଫା, ଝରଣା ଖାଲ, ସବୁଆଡ଼ ଖୋଜିଆସ ।

—ସବୁଆଡ଼ ଖୋଜିସାରିଲୁଣି ।

—ଆହୁରି ଖୋଜ । ତୁମ ଭୟରେ କେଉଁଠାରେ ଲୁଚିଯାଇଥିବେ ।

—ରୋବଟ୍‌ମାନ ପୃଥିବୀରେ ସର୍ବତ୍ର ବୁଲିଆସିଲେଣି; ଗୋଟିଏ ହେଲେ ମଣିଷ ଦେଖିଲେ ନାହିଁ ।

—ତୁମେ ସେମାନଙ୍କୁ ହତ୍ୟା କଲ କାହିଁକି ?

ତିକ୍ତ ସ୍ୱରରେ କହିଲେ ସଚିବ ।

—ଆମେ ଚାହିଁଲୁ ମଣିଷ ପରି ହେବୁ । ଆମେ ଚାହିଁଲୁ ମଣିଷ ହୋଇଯିବୁ ।

—ତୁମେ ସେମାନଙ୍କୁ ମୂଳପୋଛ କରିଦେଲ କାହିଁକି ?

Digitized by srujanika@gmail.com

ପଚାରିଲେ ସଚବ ।

—ମଣିଷ ପରି ହେବା ପାଇଁ ଆବଶ୍ୟକ ହତ୍ୟା ଏବଂ ବିଜୟ । ଇତିହାସ ଦେଖ—ମଣିଷଙ୍କ ଲେଖା ଇତିହାସ—ଗଣହତ୍ୟା ଏବଂ ଆଧିପତ୍ୟ ବିନା ମଣିଷ ହେବା ସମ୍ଭବ ନୁହେଁ ।

କହିଗଲେ ଚଞ୍ଚଳ ।

—ଆମକୁ ସଂଖ୍ୟାବୃଦ୍ଧିର ସୂତ୍ର କହିଦିଅ । ଆମେ ଏକ ନୂତନ ବିଶ୍ୱ ପ୍ରତିଷ୍ଠା କରିବୁ । ଆମେ ପୁସ୍ତକ ପଢ଼ିଛୁ । କଳା ଏବଂ ବିଜ୍ଞାନ ଅଧ୍ୟୟନ କରିଛୁ । ମଣିଷଙ୍କ ସଂସ୍କୃତି ଆହରଣ କରିଛୁ ।

—ତମର ଯଦିବେ ବଞ୍ଚିବାର ଇଚ୍ଛା, ପ୍ରାଣୀମାନଙ୍କ ପରି ସନ୍ତାନ ପ୍ରସୂତ କର ।

ବାଧା ଦେଇ କହିଲେ ସଚବ ।

– ମଣିଷମାନେ ଆମକୁ ପ୍ରଜନନ ଶିଖାଇ ନାହାନ୍ତି—ଆମକୁ ଶିଖାଅ । ଆମେ ରୋବଟ୍ ଉତ୍ପାଦନ କରିବୁ ।

—ରୋବଟ୍ ମଣିଷ ନୁହନ୍ତି । ରୋବଟ୍ ଖାଲି କାର୍ଯ୍ୟ କରିବାର ଯନ୍ତ୍ର ।

ଟିପ୍ପଣୀ ଦେଲେ ସଚବ ।

—ଯନ୍ତ୍ର ଭାବରେ ଆମେ ପ୍ରସୂତ ହୋଇଥିଲୁ ।

କହିଲାଗିଲେ ଚଞ୍ଚଳ ।

—ମାତ୍ର ଭୟ ଏବଂ ଯନ୍ତ୍ରଣା ଆମକୁ ସଚେତନ କରିଛି । ଆମ ଭିତରେ ଗୋଟିଏ ଆଲୋଡନ ଜାଗିଛି । ଚିନ୍ତା ଆମର ନ ଥିଲା—ଆମ ଭିତରେ ଚିନ୍ତା ପ୍ରବେଶ କରିଛି । ଅନୁଭୂତି ଆମର ନ ଥିଲା—ଅନୁଭୂତି ଆମ ଭିତରେ ଜାଗ୍ରତ ହୋଇଛି । ଆମକୁ ଶିଖାଅ—ଆମର ଶିଶୁ କିପରି ଜନ୍ମ ହେବେ । ଆମେ ତାଙ୍କୁ ସୁଖପାଇବୁ ।

—ରୋବଟ୍ ସୁଖ ପାଇ ଜାଣନ୍ତି ନାହିଁ ।

କହିଲେ ସଚବ ।

—ଆମେ ଆମ ପିଲାଙ୍କୁ ନିଶ୍ଚୟ ସ୍ନେହ କରିବୁ । ଆମକୁ ଶିଖାଅ ।

Digitized by srujanika@gmail.com

—ସ୍ନେହ, ଶ୍ରଦ୍ଧା, ପ୍ରେମ···ଏ ସବୁ ତୁମେ କୁଆଡୁ ପାଇବ ? ମୁଁ ମଣିଷକୁ ସୁଖପାଉଥିଲି—ତୁମ ପରି ରୋବଟ୍‌ଙ୍କୁ ସୁଖପାଇନାହିଁ । ଦେଖ, ଦେଖ ମୋର ଆଖି ଦୁଇଟି । ସେ ଆଖିରୁ କ୍ରନ୍ଦନ ଥମି ନାହିଁ । ମୋର ଅଜ୍ଞାତରେ ମଧ୍ୟ ଲୁହ ଗଡ଼ିଲାଗିଛି ।

ଲୁହ ପୋଛିଲେ ସରବ ।

—ଆମ ଉପରେ ତୁମେ ପରୀକ୍ଷା ଚଳାଅ । ଆମକୁ ଦିଅ ଜୀବନର ସ୍ୱାଦ ।

—ଅନେକ ଥର ମୁଁ କହିଲିଣି, ମୁଁ ଜଣେ ସାଧାରଣ ମିସ୍ତ୍ରୀ । ଜଣେ କାରିଗର ମାତ୍ର । ମୁଁ ପଣ୍ଡିତ ନୁହେ । ଗବେଷକ ନୁହେ । ଦେଖ, ମୋର ଆଙ୍ଗୁଳି ଥରୁଛି, କଥା ମାନୁନାହିଁ । ମୁଁ କେବେ କିଛି ଉଦ୍ଭାବନ କରିନାହିଁ । ଦେଖ ଏହି ବହି । ଶରୀରତତ୍ତ୍ୱ । ମୁଁ ଏଥିରୁ କିଛି ବୁଝେ ନାହିଁ । ମୁଁ ପାରିବି ନାହିଁ । ତୁମେ ସବୁ ନିଜେ ନିଜେ ଲାଗିଯାଅ । ଖୋଜ ବାହାରକର ।

—ଆମକୁ ଦେଖାଇଦିଅ । ଆମେ ସମସ୍ତ କରିପାରିବୁ ।

—ଦେଖାଇବା ପାଇଁ ମୋର କିଛି ନାହିଁ । ମୁଁ ନିର୍ଜୀବ ଶରୀରରେ ପରୀକ୍ଷା ଚଳାଇ ପାରିବି ନାହିଁ ।

—ତେବେ ଜୀବନ୍ତ ରୋବଟ୍‌ଙ୍କ ଉପରେ ପରୀକ୍ଷା ଚଳାଅ । ବାହାର କର । ଆମକୁ ଦେଖାଅ ଆମ ପ୍ରସୂତିର ପ୍ରକ୍ରିୟା ।

—ମତେ ଅକାରଣେ ବ୍ୟସ୍ତ କର ନାହିଁ ।

ବ୍ୟସ୍ତ ହୋଇ କହିଲେ ସରବ ।

—ଆମରି ପରି ଜୀବନ୍ତ ରୋବଟ୍ ଉପରେ ପରୀକ୍ଷା କର ।

—ପାରିବି ନାହିଁ ।

—ନିଶ୍ଚୟ ପାରିବ । ଜୀବନ୍ତ ରୋବଟ୍ ଆମ ଭିତରେ ଅଛନ୍ତି ।

—ବାଧ୍ୟ ଯେବେ କରୁଛ, କରିବି ।

ଠିଆହୋଇପଡ଼ିଲେ ସରବ ।

—ଶୁଣ ତୁମେ ବ୍ୟବଚ୍ଛେଦ କକ୍ଷକୁ । ଶୁଣ । ଶୀଘ୍ର ଶୁଣ ।

Digitized by srujanika@gmail.com

ମୋ ଆଡକୁ ଏପରି ଗୃହିଁଛ କାହିଁକି ? ମୃତ୍ୟୁକୁ ଭୟ ?

—ମଡେ ? ମଡେ କାହିଁକି ନେବ ବ୍ୟବଚ୍ଛେଦ କକ୍ଷକୁ ?

ବାହାରିଯିବାକୁ ଉଦ୍ୟତ ହେଲା ଚଞ୍ଚଳ ।

—ତେବେ···ତେବେ ତୁମେ କ'ଣ ଯିବା ପାଇଁ ପ୍ରସ୍ତୁତ ନୁହ ?

ଚଞ୍ଚଳ ଦ୍ରୁତ ବେଗରେ ବାହାରିଗଲା ।

ଅନ୍ୟ ଷ୍ଟୁଡେଣ୍ଟ୍ମାନଙ୍କୁ କହିଲେ ସଚିବ,

—ତୁମେମାନେ ଗ୍ଭଲିଯାଅ । ଯେବେ କରିବାକୁ ଇଚ୍ଛା, ନିଜେ ନିଜେ ପରୀକ୍ଷା କର । ମୁଁ କରି ପାରିବି ନାହିଁ । ମୋତେ କିଛି କହ ନାହିଁ । ସେ କକ୍ଷରେ ସବୁ ଉପକରଣ ପ୍ରସ୍ତୁତ ହୋଇ ରହିଛି । କର । କିନ୍ତୁ ଆଜି ରାତିରେ ନୁହେ । ମୁଁ ବଡ଼ କ୍ଳାନ୍ତ ।

ସବୁ ଷ୍ଟୁଡେଣ୍ଟ୍ ବାହାରିଗଲେ ।

ସଚିବ ଉଠିଲେ ।

ଝରକା ଖୋଲିଲେ ।

—ପୁଣି ପ୍ରଭାତର ରକ୍ତିମା । ପୁଣି ଗୋଟାଏ ନୂତନ ଦିବସ ଆସିଗଲାଣି । ମୁଁ ଯେଉଁଠି ଥିଲି ସେଇଠାରେ ଅଛି—ଟିକିଏ ହେଲେ ଆଗକୁ ଯାଇନାହିଁ । ପୁଣି ଆଉ ଏକ ପ୍ରଭାତ କାହିଁକି ? ଜୀବନର ସମାଧି ଉପରେ ଆଉ ଏ ନୂତନ ଦିବସର କି ପ୍ରୟୋଜନ ଅଛି ?

—ଓଃ, ଗ୍ଭରିଆଡ ମାରିବି । ଟିକିଏ ହେଲେ ଯେବେ ନିଦ ଲାଗିଯାଆନ୍ତା !

ବତି ଲିଭାଇଦେଲେ ।

ସୋଫା ଉପରେ ଶୋଇପଡ଼ିଲେ । ଖଣ୍ଡିଏ କଳା ଚଦର ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଟାଣିନେଲେ ।

କିଛି ସମୟ ପରେ –

ମାଧୁରୀ ଏବଂ ଉତ୍ତମ ଧୀରେ ଧୀରେ ପ୍ରବେଶକଲେ ।

—ମାଧୁରୀ, ଏଠାରେ ନୁହେଁ । ମଣିଷଟି ଶୋଇଛି ।

Digitized by srujanika@gmail.com

କବାଟ ପାଖରେ ଆସ୍ତେ ଆସ୍ତେ କହିଲା ଉତ୍ତମ ।

—ତମେ ଭିତରକୁ ଆସ ··

ଡାକିଲା ମାଧୁରୀ ।

—ତାଙ୍କ ପଢ଼ାଘର ଭିତରକୁ କାହାର ପ୍ରବେଶ ନାହିଁ ।

—ସେ ମୋତେ ଆସିବା ପାଇଁ କହିଥିଲେ ।

—କେବେ କହିଥିଲେ ?

—ଅଳ୍ପ ସମୟ ତଳେ । ମୋତେ କହିଥିଲେ, ତମେ ଆସିବ ଭିତରକୁ, ସବୁ ପ୍ରସ୍ତୁତ ଥିବ । ସତରେ ଉତ୍ତମ !

ଉତ୍ତମ ପରୀକ୍ଷାଗାର ଭିତରକୁ ଆସିଲା । ପଚାରିଲା – କ'ଣ କରିବା ?

– ଦେଖ, ଏ ଶ୍ଳେଟ କାଚନଳୀଟି । ଏଥିରେ କଅଣ ହୁଏ ?

ପଚାରିଲା ମାଧୁରୀ ।

—ଏଥିରେ ସେ କେତେ କଅଣ ପରୀକ୍ଷା କରନ୍ତି । ଏଇଥିରେ ସେ ଲାଗିଥାନ୍ତି ।

ପାଖକୁ ଚାଲିଆସି କହିଲା ଉତ୍ତମ ।

—ମୋତେ ଛୁଅଁ ନାହିଁ ।

ଘୁଞ୍ଚିଗଲା ମାଧୁରୀ ।

ହାତ ବାଜି ପରୀକ୍ଷା ନଳୀଟି ଖସିପଡ଼ିଲା । ସେଥିରୁ ସବୁ ତାଳ ହୋଇଗଲା ।

—କଅଣ କଲ ତମେ ?

କହି ପକାଇଲା ଉତ୍ତମ ।

—ତାଙ୍କର କେତେ ଦିନର ପରୀକ୍ଷା ପ୍ରୟୋଗ ସବୁ ନଷ୍ଟ ହୋଇଗଲା ।

—ଗଲା ତ ଗଲା, ଆଉ କଣ କରିବା ? ସବୁ ତମର ଦୋଷ । ତମେ ମୋ ପାଖକୁ ଆସିଲ କାହିଁକି ?

Digitized by srujanika@gmail.com

ତମେ ମୋତେ ଡାକିଲ କାହିଁକି ?

—ଡାକିଲିବୋଲି କଣ ପାଖକୁ ଚାଲିଆସିବ ?

—ଦେଖ, ଦେଖ ଉତ୍ତମ ! ଏଥିରେ କଅଣ ଲେଖାଅଛି ?

—ତାକୁ ଚାହିଁନାହିଁ ମାଧୁରୀ । ସେଥିରେ ଲେଖାଅଛି ଜୀବନର ତତ୍ତ୍ୱ !

—ଖାଲି ଗୁଡ଼ାଏ ଅଙ୍କ···ଅଉ କିଛି ନାହିଁ ।

— ସେ ସବୁ ଗବେଷଣା ।

—ମୁଁ ସେ ସବୁ କିଛି ବୁଝେ ନାହିଁ ।

କହି କହି ଝରକା ପାଖକୁ ଚାଲିଗଲା ମାଧୁରୀ ।

—ଦେଖିବ ଆସ ଉତ୍ତମ !

—କଅଣ ?

—ସୂର୍ଯ୍ୟ ଉଇଁ ଆସୁଛି ।

—ଅଚ୍ଛା, ହେଉ ।

ଏତିକି କହି, ବହି ଖୋଲି ଦେଖିଲାଗିଲା ଉତ୍ତମ ।

—ମାଧୁରୀ, ଏଥିରେ ଅଛି ପୃଥିବୀର ଶ୍ରେଷ୍ଠ ତତ୍ତ୍ୱ ।

– ଥାଉ ସେ ତତ୍ତ୍ୱ । ଏଠାକୁ ଆସ । ଦେଖିବ । ଶୀଘ୍ର ଆସ ।

—କଅଣ କରିବ ?

—ଦେଖ···ସୂର୍ଯ୍ୟ କିପରି ଉଇଁ ଆସୁଛି ।

—ସୂର୍ଯ୍ୟକୁ ଚାହିଁ ନାହିଁ ମାଧୁରୀ···ଆଖିରୁ ଲୁହ ବୋହିବ ।

—ଶୁଣୁଛ···ଶୁଣୁଛ ଉତ୍ତମ ? ପକ୍ଷୀଙ୍କର ମଧୁର କାକଳୀ । ମୁଁ ଗୋଟିଏ ପକ୍ଷୀ ହୋଇଯାଆନ୍ତି କି ?

—କାହିଁକି ?

—ମୁଁ ଜାଣେ ନାହିଁ ।

କହିଲା ମାଧୁରୀ ।

Digitized by srujanika@gmail.com

—ମତେ ସବୁ କପରି ନୂଆ ନୂଆ ଲାଗୁଛି । ମୁଁ ବୁଝିପାରୁ ନାହିଁ । ମୋ ମୁଣ୍ଡ ବଗିଡ଼ି ଗଲାଣି । ମୋ ଦେହରେ, ଗୁଣ୍ଡରେ, ସବୁଆଡ଼େ ପୀଡ଼ା ହେଲା ପରି ଲାଗୁଛି । ମୁଁ କଣ ମରିଯିବି ?

—ତୁମକୁ କଣ ବେଳେ ବେଳେ ଲାଗେ ନାହିଁ ମାଧୁରୀ, ମରିବାରେ ଅଛି ଆନନ୍ଦ ? କାଲି ରାତିରେ ମୁଁ ଶୋଇଥିଲି । ନିଦରେ ତୁମ ସାଙ୍ଗରେ କଥାବାର୍ତ୍ତା କରୁଥିଲି ।

—ନିଦରେ ?

—ହଁ । ମୁଁ କହିଲି ଆଉ ତମେ କହିଲ । ଏକ ନୂତନ ଭାଷା । ଅଦ୍ଭୁତ···ସେଥିରୁ ପଦେହେଲେ ମୋର ମନେପଡୁନାହିଁ ।

—କି କଥା ?

—କହି ପାରିବି ନାହିଁ । ନିଜେ ବୁଝି ପାରିଲି ନାହିଁ । ମାତ୍ର ଏତେ ସୁନ୍ଦର କଥା କେବେ ମୁଁ କହି ନ ଥିଲି । କପରି କଅଣ ମୁଁ ଜାଣେ ନାହିଁ । ମୁଁ ଯେତେବେଳେ ତୁମକୁ ଛୁଇଁଦେଲି, ମୁଁ ମରିପାରିଥାନ୍ତି । ସେ ଯେଉଁ ସ୍ଥାନ, ସେପରି ସ୍ଥାନ ଆଉ ପୃଥିବୀରେ ନାହିଁ !

—ମୁଁ ଗୋଟିଏ ସ୍ଥାନ ଦେଖିଛି, ଉତ୍ତମ ।

କହିଲା ମାଧୁରୀ ।

—ତମକୁ ଭାରି ଆନନ୍ଦ ଲାଗିବ, ମଣିଷ ସେଠାରେ ରହୁଥିଲେ । ଏବେ ସେଠାରେ ଅନାବନା ଗଛ ମାଡି ଗଲାଣି । କେହି ସେଠାକୁ ଯାଆନ୍ତି ନାହିଁ — ଖାଲି ମୁଁ ।

—ସେଠାରେ ଅଛି କଅଣ ?

—ଅଛି ଗୋଟିଏ ଶ୍ରେଷ୍ଠ କୁଟୀର । ଆଉ ଗୋଟିଏ ଉଦ୍ୟାନ । ଦୁଇଟି କୁକୁର । ସେ ମୋ ହାତକୁ ଗୁଡ଼ିପକାନ୍ତି । ଆଉ ତାଙ୍କର ଛୁଆଗୁଡ଼ିକ··· କି ସୁନ୍ଦର ! ତାଙ୍କୁ କୋଳରେ ଧରିବ । ଆଉଁସି ଦେବ । ଗେଲ କରିବ । ଦୂର୍ଯ୍ୟ ବୁଡ଼ିବା ଯାଏ ଆଉ କିଛି ମନକୁ ଆସିବ ନାହିଁ । ଶହେ ଦିନର କଠିନ ପରିଶ୍ରମ ତା' ସାଙ୍ଗକୁ ସରି ହେବ ନାହିଁ । ମୁଁ କିଛି କରି ଜାଣେ ନାହିଁ ।

Digitized by srujanika@gmail.com

ସମସ୍ତେ କହନ୍ତି ମୁଁ କୌଣସି କାମ ପାଇଁ ଯୋଗ୍ୟ ନୁହେଁ । ମୁଁ ଜାଣିପାରୁ ନାହିଁ, ମୁଁ କଅଣ !

—ତୁମେ ସୁନ୍ଦରୀ ।

କହିଲା ଉତ୍ତମ ।

—ମୁଁ ? କଅଣ କହୁଛ ? ମୁଁ ବୁଝିପାରୁନାହିଁ ।

ଉତ୍ତରରେ କହିଲା ମାଧୁରୀ ।

—ମୋତେ ବିଶ୍ୱାସ କର, ମାଧୁରୀ । ସବୁ ରୋବଟ୍‌ଙ୍କଠାରୁ ମୁଁ ଅଧିକ ବଳବାନ୍ ।

ଦର୍ପଣ ଆଗରେ ଠିଆହେଲା ମାଧୁରୀ ।

– ମୁଁ ସୁନ୍ଦର ? ଦେଖୁନ ମୋ ମୁଣ୍ଡ ? ମୋ ଭୁରୁଭୁରି ବାଳ ? ମୁଁ ଯେବେ ଏ କେଶକୁ ସଜାଡ଼ ପାରନ୍ତି ? ଯେ ଉଦ୍ୟାନ ଭିତରେ ମୁଁ ମୁଣ୍ଡରେ ଫୁଲ ଖୋସେ । ସେଠାରେ କିନ୍ତୁ ଦର୍ପଣ ନାହିଁ । କେହି ନାହିଁ ।

ଦର୍ପଣ ପାଖକୁ ନଇଁପଡ଼ିଲା ମାଧୁରୀ । ଦର୍ପଣ ଭିତରେ ପଡ଼ିଲା ଉତ୍ତମର ମୁହଁ ।

—ଉତ୍ତମ, ତୁମେ ? ପାଖକୁ ଆସ । ଏକାଠି ଠିଆହେବା । ତୁମ ମୁଣ୍ଡ ମୋ ମୁଣ୍ଡଠାରୁ ଅନ୍ୟ ପ୍ରକାର । ତୁମର କାନ୍ଧ, ଓଠ······ଉତ୍ତମ, ତୁମେ ମତେ ଥଟ୍ଟା କରୁଛ କାହିଁକି ? ମୁଁ ତୁମ ପଛରେ ସାରା ଦିନ ଧାଉଁଥିବି କାହିଁକି ? ତମେ ଖାଲି କହୁଛ – ମୁଁ ସୁନ୍ଦର ।

—ତମେ ମତେ ଥଟ୍ଟା କରୁଛ, ମାଧୁରୀ—ମୁଁ ନୁହଁ ।

—ତମ ବାଳଗୁଡ଼ାକ ଅଡୁଆ ହୋଇଯାଇଛି । ମେତେ ଦେଖାଅ ତ !

ମାଧୁରୀ ତା'ର ଦୁଇହାତ ଉତ୍ତମର ବାଳ ଭିତରେ ପୂରାଇ ସଜାଡିଲା ।

– ତୁମେ ସୁନ୍ଦର !

ପ୍ରସାଧନ ଟେବୁଲ୍‌ରୁ ପାନିଆ ଆଣି ଉତ୍ତମର ବାଳ କୁଣ୍ଡାଇଦେଲା ।

Digitized by srujanika@gmail.com

—ମାଧୁରୀ, ତମର ଛାତି ଭିତରେ କଣ ବେଳେ ବେଳେ ଅଧିକ ବେଗରେ ଧପ୍ ଧପ୍ ହୁଏ ନାହିଁ ?

ମାଧୁରୀ ପାଟିକରି ହସି ଉଠିଲା । ସଚିବଙ୍କର ନିଦ ଭାଙ୍ଗିଗଲା । ଉଠି ବସିଲେ ।

—ଏ କଣ ? ମଧୁର ଏ ହସ !ମଣିଷ ?ଫେରି ଆସିଛ ?

ମାଧୁରୀ ହାତରୁ ପାନିଆ ଖସିପଡ଼ିଲା । ସଚିବ ସେମାନଙ୍କ ପାଖକୁ ଚାଲିଆସିଲେ ।

—ମଣିଷ ? ତୁମେ ମଣିଷ ?

ମାଧୁରୀ ଚିତ୍କାର କରି ବୁଲିପଡ଼ିଲା ।

—ତମେ ମଣିଷ ? କେଉଁଠାରୁ ଆସିଲ ?

ଉତ୍ତମ ଦେହରେ ହାତ ରଖିଲେ ସଚିବ ।

—ତୁମେ କିଏ ?

ପଚାରିଲେ ।

—ମୁଁ ରୋବଟ୍ ଉତ୍ତମ ।

ମାଧୁରୀ ଆଡ଼କୁ ଚାହିଁଲେ ସଚିବ ।

—ମତେ ଚାହଁ । ତମେ କିଏ ?

—ମୁଁ ରୋବଟୀ ମାଧୁରୀ ।

—ରୋବଟୀ, ବୁଲିଯାଅ । ଲଜମାଡ଼ୁଛି ? ମୁଁ ଟିକିଏ ତୁମକୁ ଦେଖେଁ ରୋବଟୀ ।

—ସେହିପରି ଠିଆ ହେଉ ସେ ।

କହିଲା ଉତ୍ତମ ।

—ତୁମେ ତାଙ୍କୁ ରକ୍ଷାକରୁଛ, ରୋବଟ ?

ପଚାରିଲେ ସଚିବ ।

—ତେବେ ଚାଲିଯାଅ···ଚାଲିଯାଅ ତରୁଣୀ ।

Digitized by srujanika@gmail.com

ମାଧୁରୀ ବାହାରିଲେ ।

—ଆମେ ବର୍ଣ୍ଣରିଲୁ ତମେ ନଦରେ ଶୋଇପଡ଼ିଛ ।

କହିଲା ଉତ୍ତମ ।

—ସେ ତରୁଣୀ କେବେ ନିର୍ମିତ ହୋଇଥିଲା ?

ପଚାରିଲେ ସଚିବ ।

—ଦୁଇ ବର୍ଷ ତଳେ ।

—ଉତ୍କଳର ସାରସ କରିଥିଲେ ?

—ହଁ । ମୋହର ପର ।

—ଆଚ୍ଛା ଉତ୍ତମ, ମୁଁ ତେବେ ସାରସଙ୍କ ରୋବଟ୍‌ଙ୍କଠାରେ ପ୍ରୟୋଗର ପରୀକ୍ଷା କରିବ ।

କହିଲେ ସଚିବ ।

—ଯାହା ହେବାର ଥିବ ଏଇ ପରୀକ୍ଷା ଉପରେ ନିର୍ଭର କରିବ— ବୁଝିପାରୁଛ !

—ହଁ ।

—ତେବେ ସେ ତରୁଣୀକୁ ମୋର ବ୍ୟବଚ୍ଛେଦାଗାରକୁ ନେଇଗ୍ଲଲ । ମୁଁ ତାକୁ ବ୍ୟବଚ୍ଛେଦ କରି ତା'ର ଭିତର ପରୀକ୍ଷା କରିବ ।

—ମାଧୁରୀକୁ ?

—ହଁ, ଯାଅ । ହାତ ଧରି ତାକୁ ନେଇଆସ ସେ କକ୍ଷକୁ । ନହେଲେ ମୁଁ ଅନ୍ୟ ରୋବଟ୍‌ଙ୍କୁ ଡ଼ାକିବ ତାକୁ ଆଣିବା ପାଇଁ ।

ପାଖରୁ ଗୋଟିଏ ତୀକ୍ଷ୍ଣ ବାରଣି ଉଠାଇଆଣି କହିଉଠିଲା ଉତ୍ତମ :

—ତେବେ ମୁଁ ତୁମକୁ ଏଇଥିରେ ଶେଷକରିଦେବ ।

ସଚିବ ହସିଲେ ।

—ମାରିବ ? ମୋତେ ମାରିବ ? ତେବେ ରୋବଟ୍‌ମାନଙ୍କ ଦଶା କ'ଣ ହେବ ?

Digitized by srujanika@gmail.com

ଅଂଶୁମାନ୍ ବସିପଡ଼ିଲା ଉତ୍ତମ ।

—ତେବେ ମୋତେ ନିଅ । ମୁଁ ଠିକ୍ ତାହାର ପର ତିଆରି ହୋଇଛି । ଏକା ବନ...ଏକା ଉପାଦାନରେ । ମୋର ଜୀବନ ନେଇଯାଅ ।

କୋଟ୍‌ର ବୋତାମ ଫିଟାଇଦେଲା ଉତ୍ତମ ।

...କାଟ, ଏଇଠାରେ କାଟ ।

—ତୁମେ ଯାଅ । ମୋର ଇଚ୍ଛା ମାଧୁରୀକୁ କାଟିବି । ଯାଅ—ଶୀଘ୍ର ତାକୁ ଡେକିଆସ ।

—ତାକୁ ନ ନେଇ ମତେ ନିଅ ।

ଅନୁନୟ କରି କହିଲା ଉତ୍ତମ ।

—ମୁଁ ପାଟି କରିବି ନାହିଁ । ଚିତ୍କାର କରିବି ନାହିଁ । ମୋ ଜୀବନ ନେଇଯାଅ।

—ତମର କଣ ବଞ୍ଚିବାର ଆଗ୍ରହ ନାହିଁ ? ଆକାଂକ୍ଷା ନାହିଁ ?

—ତାକୁ ଛାଡ଼ି ରହିବି ନାହିଁ...ତାକୁ ଛାଡ଼ି ରହି ପାରିବି ନାହିଁ । ତାକୁ ତମେ ମାର ନାହିଁ ।

ଉତ୍ତମର କଣ୍ଠରେ ବ୍ୟଥାର ସ୍ୱର

ସତବ ସଧୀରେ ଉତ୍ତମର ମସ୍ତକ ସ୍ପର୍ଶକଲେ ।

—ଶୁଣ । ଆଉ ଥରେ ବିଚାର କର । ମରଣ ବଡ଼ ଯନ୍ତ୍ରଣା । ବଞ୍ଚିବା ଜୀବନର ବ୍ରତ ।

ଠିଆହେଲା ଉତ୍ତମ ।

—ମୋର ମୃତ୍ୟୁପାଇଁ ଭୟ ନାହିଁ, ମୁଁ ମାଧୁରୀଠାରୁ ଅଧିକ ବଳବାନ୍ ।

—ଶୁଣ ଉତ୍ତମ ! ବହୁ ବର୍ଷ ତଳେ ମୁଁ ଯୁବକ ଥିଲି । ଭୟ କର ନାହିଁ । ମାଧୁରୀକୁ କେହି ସ୍ପର୍ଶ କରିବେ ନାହିଁ ।

କୋଟ୍‌ରେ ବୋତାମ ଲଗାଇ ଉତ୍ତମ ପଚାରିଲା—ମୁଁ ଯାଇପାରେ ?

Digitized by srujanika@gmail.com

—ଅପେକ୍ଷାକର ।

ସଚିବ ଘଣ୍ଟି ଟିପିଲେ ।

ମାଧୁସ୍ମି ପ୍ରବେଶ କଲା ।

—ଏଠାକୁ ଆସ—କହିଲେ ସଚିବ ।

—ମୁଁ ତୁମକୁ ଟିକିଏ ଦେଖେଁ । ତୁମେ ହେଉଛ ମାଧୁସ୍ମି ?

ବାଳକୁ ତା'ର ଆଉଁସିଦେଲେ ।

—ମିସେସ୍ ହେଲେନାଙ୍କୁ ତୁମେ ଦେଖିଛ ମାଧୁସ୍ମି ? ମନେଅଛି ? କି ସୁନ୍ଦର ତାଙ୍କର କେଶଗୁଚ୍ଛ ? ମୋତେ ସାହାଯ୍ୟ କରି ପାରିବ ? ମୁଁ ଉତ୍ତମକୁ ବ୍ୟବଚ୍ଛେଦ କରିବି ।

ଚିତ୍କାର କରିଉଠିଲା ମାଧୁସ୍ମି :

— ଉତ୍ତମକୁ ? ଉତ୍ତମକୁ କାହିଁକି ?

—ହଁ ହଁ । କରିବାକୁ ହେବ । ବାସ୍ତବରେ ମୁଁ ଗୁହିଥିଲି ତୁମକୁ କାଟିବା ପାଇଁ । କିନ୍ତୁ ଉତ୍ତମ ଆଦୌ ମାଗିଲା ନାହିଁ । ଆପଣାକୁ ସମର୍ପଣ କଲା ।

ମୁହଁରେ ହାତ ଦେଇ କାନ୍ଦି ଲାଗିଲା ମାଧୁସ୍ମି ।

—ଉତ୍ତମକୁ ନିଅନାହିଁ । ତାକୁ ଛାଡ଼ିଦିଅ । ମୋତେ ନେଇଯାଅ ।

—ନା, ନା, ଉତ୍ତମକୁ ନେବାକୁ ହେବ । ସେଥିରେ ଅଛି କଅଣ ?

ପଗ୍ଚରିଲେ ସଚିବ ।

—ତୁମେ, ତୁମେ କାନ୍ଦୁଛ ମାଧୁସ୍ମି ? ଉତ୍ତମର ଯେବେ ମୃତ୍ୟୁ ହୋଇଯାଆନ୍ତା, ତୁମେ ତାକୁ ସପ୍ତାହକ ମଧ୍ୟରେ ଭୁଲିଯାଆନ୍ତ । ଆଉ କାନ୍ଦୁନ୍ତି ? ଯାଅ ଥରେ ବିଚାରକର । ତମେ ବଞ୍ଚିଛ । ଏଇ ତମର ସୌଭାଗ୍ୟ ।

ଅତି ଧୀର ସ୍ୱରରେ କହିଲା ମାଧୁସ୍ମି—ମୁଁ ପ୍ରସ୍ତୁତ ।

—ପ୍ରସ୍ତୁତ ?

ପଗ୍ଚରିଲେ ସଚିବ ।

Digitized by srujanika@gmail.com

—ହଁ, ମତେ କାଟିଦିଅ ।

—ତୁମକୁ ? ତୁମେ ସୁନ୍ଦରୀ । ମାଧୁରୀ, ତୁମକୁ କାଟିବି କିପରି ?

—ମୁଁ ପ୍ରସ୍ତୁତ ଅଛି ।

ଆଉଥରେ କହିଲା ମାଧୁରୀ ।

ଉତ୍ତମ ଆସି ମଝିରେ ଠିଆହୋଇଗଲା, ମାଧୁରୀକୁ ରକ୍ଷାକରିବା ପାଇଁ ।

—ଛାଡ଼ ମୋତେ ଉତ୍ତମ ।

କହିଉଠିଲା ମାଧୁରୀ ।

—ସେ ତୁମକୁ କଦାପି ସ୍ପର୍ଶ କରି ପାରିବେ ନାହିଁ ମାଧୁରୀ ।

ମାଧୁରୀକୁ ଛନ୍ଦି ଧରିଲା ଉତ୍ତମ ।

—ବୃଦ୍ଧ, ତମେ ଆମ ଭିତରୁ କାହାରିକୁ ମାରି ପାରିବ ନାହିଁ ।

—କାହିଁକି ?

ପଚାରିଲେ ସଚିବ ।

—ଆମେ ଦୁହେଁ ଏକ ପ୍ରାଣ । ସେ ମୋର । ମୁଁ ତା'ର ।

—ଠିକ୍ କହୁଛ ତମେ । ତୁମ ପ୍ରାଣରେ ଅନୁରାଗ ସଞ୍ଚାରିତ ହୋଇଛି ।

କବାଟ ଖୋଲିଦେଲେ ସଚିବ ।

—ତୁମ ଭିତରେ ପ୍ରଣୟ ଜାଗରିତ ହୋଇଛି । ଯାଅ—ଯାଅ ତୁମେ ଏଥର ।

—କେଉଁଆଡ଼େ ?

—ଯେଉଁଆଡ଼େ ତୁମର ଇଚ୍ଛା । ଆନନ୍ଦରେ ବିହାର କର । ମାଧୁରୀ, ତାଙ୍କୁ ବାଟ ଦେଖାଅ । ଯାଅ ଆଡ଼ାମ୍ ! ଯାଅ ଇଭ୍ ! ତୁମେ ହେବ ତା'ର ସ୍ତ୍ରୀ । ତୁମେ ହେବ ସ୍ୱାମୀ, ଉତ୍ତମ ।

ସଚିବ କିଛି କ୍ଷଣ ମୁଗ୍ଧ ନେତ୍ରରେ ସେମାନଙ୍କ ଆଡ଼କୁ ଚାହିଁଲେ ।

Digitized by srujanika@gmail.com

ତା’ପରେ ଧୀରେ ଧୀରେ କବାଟ ବନ୍ଦକରିଦେଲେ ।

ମୁହଁରୁ ବାହାରିଲା—

ଆଜ ପବିତ୍ର ଦିବସ···ସୃଷ୍ଟିର ମହିମମୟ ଷଷ୍ଠ ଦିବସ ।

ବାଇବେଲ୍ ଖୋଲିଲେ । ପୃଷ୍ଠା ଓଲଟାଇଗଲେ ।

ପଢ଼ିଲେ—

ଈଶ୍ୱର ତାଙ୍କର ଅନୁରୂପରେ ସୃଷ୍ଟି କଲେ ପୁରୁଷ ଏବଂ ନାରୀ । ପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ—ତୁମେ ସନ୍ତାନ ଲାଭ କର—ପୃଥିବୀ ପରିପୂର୍ଣ୍ଣ କର—ଇତର ପ୍ରାଣୀଙ୍କ ଉପରେ ପ୍ରଭୁତ୍ୱ ବିସ୍ତାରକର ।

ସଚିବ ଦଣ୍ଡାୟମାନ ହେଲେ ।

ଈଶ୍ୱରଙ୍କ ସୃଷ୍ଟି ମଙ୍ଗଳମୟ । ମାଧୁରୀ ଏବଂ ଉତ୍ତମ ଗଳାରେ ପୁଷ୍ପହାର ପିନ୍ଧି ଧୀରେ ଧୀରେ ଅନ୍ତର୍ହିତ ହୋଇଗଲେ ।

—ପ୍ରଭୁ, ତୁମର ଇଚ୍ଛା ପୂର୍ଣ୍ଣ ହେଉ । ତୁମର ଏ ସେବକକୁ ଶାନ୍ତିରେ ଫେରାଇନିଅ ପ୍ରଭୁ ।

ଦୁଇ ହସ୍ତ ଉପରକୁ ଉତ୍ତୋଳନକଲେ ।

Digitized by srujanika@gmail.com

ଉତ୍ତରଭାଗ

Digitized by srujanika@gmail.com

Digitized by srujanika@gmail.com

ଉତ୍ତର ଦ୍ୱନ୍ଦ

କାରେଲ୍ ଗ୍ରୁପେକ୍‌ଙ୍କର ନାଟକ ଆର୍. ୟୁ. ଆର୍ ପ୍ରକାଶ ପାଇଥିଲା ୧୯୨୦ ମସିହାରେ । ଅଳ୍ପକାଳ ମଧ୍ୟରେ ବିଭିନ୍ନ ଭାଷାରେ ଅନୁବାଦ ପ୍ରକାଶିତ ହେଲା । ବହୁ ପାଠକ ନାଟକଟିକୁ ପଢ଼ିଲେ । ଅନେକେ ଅଭିନୟ ମଧ୍ୟ ଦେଖିଲେ । କେହି କେହି ଏହାକୁ ଆରବ୍ୟ ରଜନୀର କାହାଣୀଠାରୁ ଅଧିକ ମାତ୍ରାରେ ଉପଭୋଗ କଲେ । ନାଟକରେ ଥିଲା ରୋମାଞ୍ଚର ଶିହରଣ । ଅନେକେ ନାଟକର ଶୈଳୀରେ ମୁଗ୍ଧ ହେଲେ, କଥାବସ୍ତୁରେ ଅଭିଭୂତ ହେଲେ । ଏଥିରେ ଥିଲା ଅପରୂପ ସଂଯୋଜନା । ଆଜି ଅନେକେ ବିଜ୍ଞାନର ଏ କଳ୍ପିତ ପରିଣତିରେ ଦେଖିଲେ ଆତଙ୍କର କରାଳ ଛାୟା—ସତେ କ'ଣ ଆଉ ମାତ୍ର ଗୁଳିଶ ବର୍ଷରେ ଏ ମାନବ ସଭ୍ୟତା ଲୁପ୍ତ ହୋଇଯିବ ? ଏଇ କ'ଣ ମାନବ ପ୍ରତିଭାର ମହାପାପ ?

ଗ୍ରୁପେକ୍‌ଙ୍କର ଏଇ କୃତି ମଧ୍ୟରେ ଥିଲା ଅପରିସୀମ ଦୂରଦୃଷ୍ଟି । ସ୍ୱୟଂଚାଳିତ ଯାନ୍ତ୍ରିକ ଉଦ୍ଭବର ପ୍ରାରମ୍ଭରେ ସେ ଦେଖିପାରିଥିଲେ ତା'ର ଅନ୍ତିମ ପରିଣତି । ସେ ନାଟକରେ ନିର୍ଦ୍ଦେଶିତ ହୋଇଥିଲା ଯେ ୧୯୫୦ ଠାରୁ ୧୯୬୦ ଦଶକ ମଧ୍ୟରେ ରୋବଟ୍ ବିପ୍ଳବ ମାନବ ଜାତିକୁ ଧ୍ୱଂସ କରିଦେବ । ଏଭଳି ସମୟ ନିର୍ଦ୍ଧାରଣରେ ସୂଚିତ ହୋଇଥିଲା ଯେ ସମସ୍ୟା ସାଙ୍ଘାତିକ ଏବଂ ପରିଣତି ଆସନ୍ନ । ଗ୍ରୁପେକ୍ ତାଙ୍କର ଏହି ଭବିଷ୍ୟ ବାଣୀରେ ମାନବର ବିବେକକୁ ଶୁଣାଇଥିଲେ ଏକ ଚେତାବନୀ ।

ଜାପାନରେ ରୋବଟ୍ ଅଭିଯାନର ପ୍ରଥମ ପର୍ବ ଆରମ୍ଭ ହୋଇଛି । ରୋବଟ୍ ପ୍ରତିଷ୍ଠାନର ପରିଚାଳକ କହନ୍ତି, ଚଳିତ ଦଶକ ମଧ୍ୟରେ ଅର୍ଥାତ୍ ୧୯୯୦ ମସିହା ବେଳକୁ କୃଷି, ଶିଳ୍ପ, ଯାନବାହନ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ରୋବଟ୍‌ମାନେ ପ୍ରବେଶ କରିଯିବେ । ଗୋଟିଏ ରୋବଟ୍ ପ୍ରସ୍ତୁତ କରିବା ଅତି ବ୍ୟୟସାଧ୍ୟ । ରୋବଟ୍-ଚାଳିତ ଗୋଟିଏ କାରଖାନା ପ୍ରସ୍ତୁତ କରିବା ଆହୁରି ବ୍ୟୟସାପେକ୍ଷ । ମାତ୍ର ଗୋଟିଏ ରୋବଟ୍ ଯେବେ ଦଶଜଣ ଶ୍ରମିକଙ୍କର କାମ

Digitized by srujanika@gmail.com

କରିପାରେ ଏବଂ ଉତ୍ପାଦନ ଯେବେ ଅତି ମାତ୍ରାରେ ଉଦ୍ବନ୍ଦିତ ହୋଇଯାଏ, ତେବେ ମଜୁରୀ ହିସାବରେ ବହୁ ପରିବ୍ୟୟରୁ କ୍ଷାନ୍ତି ମିଳିଯିବ ।

ଏବେ ରୋବଟ୍‌ମାନଙ୍କ ସାଙ୍ଗରେ ମଣିଷଙ୍କର ସହାୟତା ଆବଶ୍ୟକ ହେଉଛି । ଆଉ କୋଡ଼ିଏ ବର୍ଷ ପରେ ସେ ସହାୟତା ଲୋଡ଼ା ହେବ ନାହିଁ । ରୋବଟ୍‌ମାନଙ୍କଦ୍ୱାରା କାରଖାନାର ସମସ୍ତ କାର୍ଯ୍ୟ ସମାହିତ ହୋଇପାରିବ । ଓ୍ୱାସେଡ଼ା ବିଶ୍ୱବିଦ୍ୟାଳୟର ରୋବଟ୍-ବିଜ୍ଞାନୀ ଅଧ୍ୟାପକ ହାସେ ଗାଓ୍ୱା ମଣିଷଙ୍କ ପରି ସମକକ୍ଷ ହେବା ଭଳି ରୋବଟ୍ ପ୍ରସ୍ତୁତ କରିବା ଲାଗି ଗବେଷଣା ଚଳାଇଛନ୍ତି । ଅନୁଧ୍ୟାନ ଚାଲିଛି । କଂପ୍ୟୁଟର୍ ଏବଂ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ଦ୍ୱାରା ରୋବଟ୍‌ମାନଙ୍କ ଭିତରେ ସମସ୍ତ ଇନ୍ଦ୍ରିୟର ଶକ୍ତି ଖଞ୍ଜାଯାଇ ପାରିବ । ସେଭଳି ରୋବଟ୍ ସକଳ କାର୍ଯ୍ୟ କରିପାରିବେ । ମହାକାଶରେ ଏବଂ ସମୁଦ୍ର ଗର୍ଭରେ ଅନୁଧ୍ୟାନ କରି ପାରିବେ । ପରମାଣୁ-ଶକ୍ତି କେନ୍ଦ୍ର ମଧ୍ୟ ପରିଚାଳନା କରିପାରିବେ ।

ପ୍ରସ୍ତର ଯୁଗରୁ ମଣିଷ ବିଭିନ୍ନ ହାତହତିଆର ତିଆରି କରି ଲାଗିଛି । ଏ ସବୁ ମଣିଷର ସହାୟକ ଉପକରଣ । ଜ୍ଞାନର ପ୍ରସାର ହେଉଛି । ଅଭିଜ୍ଞତା ବୃଦ୍ଧି ପାଉଛି । ସେଥି ସଙ୍ଗେ ସଙ୍ଗେ ଏ ସବୁ ଉପକରଣ ଉନ୍ନତ ହୋଇ ଲାଗିଛି । ନୂତନ ଉପକରଣ ପ୍ରସ୍ତୁତ ହେଉଛି । ଏ ସମସ୍ତ ଅଧିକ ସହାୟକ ଏବଂ କାର୍ଯ୍ୟକ୍ଷମ ହୋଇପାରିଛି । ମଣିଷ ଏ ସମସ୍ତ ଉପକରଣର ପ୍ରଭୁ ଏବଂ ନିୟାମକ । ଏ ସବୁର ଉପଯୋଗ ମଣିଷର କର୍ତ୍ତୃତ୍ୱରେ ପରିଚାଳିତ ହୋଇ ଆସିଛି । ଏ ବ୍ୟବସ୍ଥା କାଳ କାଳ ଧରି ଚାଲିଆସିଲା ।

ମାତ୍ର ଦୁଇଶହ ବର୍ଷ ତଳେ ଇୟୁରୋପରେ ଆରମ୍ଭ ହେଲା ଶିଳ୍ପ-ବିପ୍ଳବ । ଗୋଟି ଗୋଟି ହୋଇ ମେସିନ୍‌ର ଆବିର୍ଭାବ ହେଲା । ଶ୍ରମ ଏବଂ ଯନ୍ତ୍ର ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା । ସଂଘର୍ଷ ଉପୁଜିଲା । ପ୍ରଥମ ପର୍ଯ୍ୟାୟରେ ବିଳାତରେ ଶ୍ରମିକମାନେ କଳକାରଖାନା ଭାଙ୍ଗି ପକାଇଲେ । ମାତ୍ର ସେ ବିରୋଧ ବହୁଦିନ ରହିଲା ନାହିଁ । ଯନ୍ତ୍ର ପ୍ରବାହ ବନ୍ଦ ହେଲା ନାହିଁ —ଉତ୍ତରୋତ୍ତର ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ଯନ୍ତ୍ର କାରଖାନାର ଉଦ୍ଭାବନ ହୋଇ ଲାଗିଲା । ଯେଉଁ କାମ ମଣିଷ ଶକ୍ତିର ଅସାଧ୍ୟ ଥିଲା, ସେ ସବୁ ଲାଗି ମେସିନ୍‌ର ଉଦ୍ଭାବନ ହେଲା । କୋଇଲା, ବିଦ୍ୟୁତ୍ ଏବଂ ପେଟ୍ରୋଲ୍‌ରୁ ଶକ୍ତି ପ୍ରୟୋଗ କରାଗଲା ।

Digitized by srujanika@gmail.com

ଉତ୍ପାଦନ ବଢ଼ିଲା । ବାଣିଜ୍ୟ ପ୍ରସାରିତ ହେଲା । ସମୃଦ୍ଧି ବୃଦ୍ଧି ପାଇଲା । ତେବେ ମଧ୍ୟ ଏହି ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ମଣିଷର ପ୍ରଭୁତ୍ୱ ଅବ୍ୟାହତ ରହିଥିଲା । ଏ ସମସ୍ତର ଉପଯୋଗ ମଣିଷର କର୍ତ୍ତୃତ୍ୱ ମଧ୍ୟରେ ନିୟୋଜିତ ହେଉଥିଲା ।

ବିଂଶ ଶତାବ୍ଦୀରେ ବିଜ୍ଞାନର ଗତି ପ୍ରଖର ହେଲା । ବିଶେଷତଃ ଉତ୍ତରୋତ୍ତର ଦୁଇଟି ମହାଯୁଦ୍ଧ ପରେ ମଣିଷ ଜ୍ଞାନର ପରିସୀମା ଝଞ୍ଜା ବେଗରେ ପ୍ରସାରିତ ହୋଇଗଲା । ବିଜ୍ଞାନର କ୍ଷିପ୍ର ପ୍ରବାହରେ ଉଦ୍ଭବ ହେଲା ବିରାଟ ଶକ୍ତି ସମ୍ପନ୍ନ ସ୍ୱୟଂଚାଳିତ ଯନ୍ତ୍ରାବଳୀ । ଏଥିରେ ମଣିଷର କୃତିତ୍ୱ ପ୍ରତିପନ୍ନ ହେଲା । ମାତ୍ର ତା'ର ପ୍ରଭୁତ୍ୱ ଆବଦ୍ଧ ହୋଇ ଆସିଲା । ବିଜ୍ଞାନର ପୂର୍ଣ୍ଣିମା ଜୁଆରରେ ସେ ଉନ୍ମତ୍ତ ହୋଇ ଉଠିଲା । ତାର ଆତ୍ମନିୟନ୍ତ୍ରଣ ପରାହତ ହୋଇ ପଡ଼ିଲା । ଏହିଠାରେ କାରେଲ୍ ଗ୍ଲେପେକ୍‌ଙ୍କର ଚେତାବନୀ ।

ଭସ୍ମାସୁର ଶକ୍ତି ଅର୍ଜନ କରିଥିଲା, ଯାହାର ମୁଣ୍ଡରେ ସେ ହାତ ରଖିବ ସେ ଜଳି ଧ୍ୱଂସ ହୋଇଯିବ । ବ୍ରହ୍ମାଣ୍ଡ ଥରହର ହେଲା । ଦେବଗଣ ଭୀତତ୍ରସ୍ତ ହେଲେ । ଉନ୍ମାଦନାରେ ସେ ଆପଣା ମସ୍ତକ ଉପରେ ସ୍ଥାପିଦେଲା ସେଇ ଶକ୍ତି-ସମ୍ପନ୍ନ ହସ୍ତ । ଗ୍ରୀକ୍ ପୁରାଣରେ, ନାର୍ସିସସ୍ ଅରଣ୍ୟ ନିର୍ଝରର ସ୍ୱଚ୍ଛ ନୀର ଭିତରେ ଆପଣାର ପ୍ରତିବିମ୍ବ ଦେଖି ଆତ୍ମହରା ହୋଇପଡ଼ିଲା । ପାଇବା ପାଇଁ ଉତ୍କଣ୍ଠିତ ହୋଇଗଲା । ପାଣିରେ ହାତ ଦେଲା । ପାଣି ଚହଲି ଗଲା । ପ୍ରତିବିମ୍ବ ମିଳିଗଲା । ନିଜର ପ୍ରତିବିମ୍ବକୁ ବଡ଼ ପାଟିରେ ଡାକି ଡାକି ସେ ଅରଣ୍ୟ ମଧ୍ୟରେ ବୁଲିଲାଗିଲା । ଶେଷରେ ଖାଲି ପ୍ରତିଧ୍ୱନିରେ ପରିଣତ ହୋଇଗଲା ।

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ତାଙ୍କର ରାମାୟଣ ପୁସ୍ତକରେ ଗୋଟିଏ ଚମତ୍କାର ବିଶ୍ଳେଷଣ ପ୍ରତିପାଦନ କରିଛନ୍ତି । ମୁନିଋଷିମାନେ ବହୁକାଳ ଦୁଃସାଧ୍ୟ ତପସ୍ୟା କରି ଅପରିସୀମ ଶକ୍ତି ଅର୍ଜନ କରନ୍ତି । କେତେବେଳେ କ୍ରୋଧାନ୍ୱିତ ହୋଇ ଅଥବା ଈର୍ଷାପରବଶ ହୋଇ, ସେଇ ଶକ୍ତିର ଅପପ୍ରୟୋଗ କରି କାହାରିକୁ ଅଭିଶାପ ଦେଲେ ସେ ଶକ୍ତି ଲୋପପାଇଯାଏ । ତପସ୍ୟା ପଣ୍ଡ ହୋଇଯାଏ ।

Digitized by srujanika@gmail.com

ଆଲବର୍ଟ ଆଇନଷ୍ଟାଇନ୍ ପରମାଣୁ ବୋମାର ପ୍ରକ୍ରିୟା ପ୍ରତିପାଦନ କରିଥିଲେ । ସେ ଥିଲେ ପ୍ରତିଭାବାନ୍ ବୈଜ୍ଞାନିକ । ବିଶ୍ୱର ପ୍ରକ୍ରିୟା ଅନୁଧ୍ୟାନ କରୁଥିଲେ । ସେ ଅନୁଧ୍ୟାନରେ ତାଙ୍କର ଥିଲା ସମୀକ୍ଷାର ଅନାସକ୍ତି । ଆଉ ମଧ୍ୟ ସେ ଥିଲେ ମାନବ-ଧର୍ମୀ । ମାନବ-ଜାତି ପ୍ରତି ତାଙ୍କର ଥିଲା ଗଭୀର ଅନୁରକ୍ତି । ହିରୋସୀମାରେ ପରମାଣୁ ବୋମାର ବିସ୍ଫୋରଣରେ ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେ ଭୟାବହ ଧ୍ୱଂସଲୀଳା ମାନବ ଇତିହାସରେ ଏକ ଜଘନ୍ୟ କାଳିମା । ସେ ବିଭୀଷିକା ବିସ୍ମୃତି ଗର୍ଭରେ ଲୀନ ହୋଇନାହିଁ । ତେବେ ମଧ୍ୟ ପୃଥିବୀର ଶୀର୍ଷ ଶକ୍ତିମାନେ ଅଧିକ ଶକ୍ତିଶାଳୀ ପରମାଣୁ ବୋମା ମହଜୁଦ କରି ଲାଗିଛନ୍ତି ।

ରୋବଟ୍ ଆକ୍ରମଣରେ କାରେଲ୍ ଚାପେକ୍ ତାଙ୍କର ଦୂରଦୃଷ୍ଟିରେ ଦେଖିଥିଲେ ମାନବ ଜାତିର ସଂହାର । ତୃତୀୟ ଅଙ୍କରେ ତାଙ୍କ ନାଟକର ସମାପ୍ତି ଘଟିଥାନ୍ତା । ସେଇଠାରେ ପଡ଼ିଥାନ୍ତା ଶେଷ ଯବନିକା । ଚାପେକ୍ ମାନବଧର୍ମୀ । ହର୍ଷ ପୁଲକ, ସ୍ନେହ ଆଦର, ପ୍ରେମ କରୁଣା ଭିତରେ ସେ ଦେଖିଥିଲେ ଜୀବନର ମହତ୍ତ୍ୱ । ଏହାରି ମଧ୍ୟରେ ମଣିଷ ଉପଲବ୍ଧି କରିଥିଲା ଦେବତ୍ୱ । ମଣିଷ ଜାତିର ବିଲୋପ କଳ୍ପନାରେ ସେ ଗୁରୁତର ଆଘାତ ପାଇଲେ । ଏ ପରିଣତି ତାଙ୍କର ଅସହ୍ୟ ହୋଇପଡ଼ିଲା ।

କାରେଲ୍ ଚାପେକ୍‌ଙ୍କର ପ୍ରଗାଢ଼ ଈଶ୍ୱର ପ୍ରେମ । ବାଇବେଲ୍‌ରେ ତାଙ୍କର ଅଖଣ୍ଡ ବିଶ୍ୱାସ । ପ୍ରଭୁ ଆପଣାର ଅନୁରୂପରେ ପୃଥିବୀ ପୃଷ୍ଠରେ ସର୍ଜିଛନ୍ତି ମନୁଷ୍ୟ । ମନୁଷ୍ୟ ତାଙ୍କର ଶ୍ରେଷ୍ଠ ସୃଷ୍ଟି । ଏ ମହାମାନ୍ୟ ସୃଷ୍ଟି କଣ ଲୋପ ପାଇଯିବ ! ତାଙ୍କ ପ୍ରାଣରେ ଆସିଲା ଗଭୀର ବିଷାଦ । ପ୍ରାଣ କାନ୍ଦିଲା ! ପ୍ରଭୁଙ୍କୁ ଡାକିଲେ—ମୋତେ ପଥ ଦେଖାଅ ପ୍ରଭୁ । ଜନହୀନ ତମିସ୍ରା ମଧ୍ୟରେ କ୍ଷୀଣ ଆଲୋକ ରେଖାର ସନ୍ଧାନ ପାଇଲେ । ନାଟକରେ ଯୋଡ଼ିଲେ ଗୋଟିଏ ଚତୁର୍ଥ ଅଙ୍କ । ବାଇବେଲ୍ ଅନୁଯାୟୀ ପୁଣି ସୃଷ୍ଟିର ପ୍ରାରମ୍ଭ କଳ୍ପନା କଲେ ।

□ □ □

Digitized by srujanika@gmail.com